ଧରିତ୍ରୀ
DHARITRI
May 5-11, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ

# ତଥାପି ସମର୍ଥ

କେହି ଦିବ୍ୟାଙ୍ଗ ତ କେହି ମାନସିକ ଅନଗ୍ରସର। ତଥାପି ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ବି କ୍ରୀଡ଼ା ଅଭ୍ୟାସକୁ ଜାରି ରଖି ସଫଳତା ପଥରେ ଅଗ୍ରସର ହୋଇଥିବା ସମର୍ଥାଙ୍କ କାହାଣୀ..

ପ୍ରଚ୍ଛଦ ପ୍ରସଙ୍ଗ ୩



## ଶୋଇବା ପୂର୍ବରୁ କ'ଣ କଲେ ତ୍ୱଚା କରିବ ଗ୍ଲୋ

**ଦିନଯାକର ପରିଶ୍ରମ ପରେ ଥକ୍କାପଣ ଯୋଗୁ ଅନେକେ ରାତିରେ ତ୍ୱଚାର ଠିକ୍‌ରେ ଯତ୍ନ ନ ନେଇ ସେମିତି ଶୋଇପଡ଼ନ୍ତି; ଯଦ୍ଦ୍ୱାରା ତ୍ୱଚାର ଚମକ ଧୀରେ ଧୀରେ କମିବାକୁ ଲାଗେ। ତେଣୁ ରାତିରେ ବିଶେଷ କରି ଖରାଦିନେ ଶୋଇବା ପୂର୍ବରୁ କ'ଣ କଲେ ତ୍ୱଚା ଗ୍ଲୋ କରିବା ସହ ଆକର୍ଷଣୀୟ ଲାଗିବ, ଜାଣନ୍ତୁ ସେ ସମ୍ପର୍କରେ...**



✲ ରାତିରେ ଶୋଇବା ପୂର୍ବରୁ ତ୍ୱଚା ପାଇଁ ଆଉ କିଛି କରନ୍ତୁ କି ନ କରନ୍ତୁ ନିହାତି ଭାବେ ଥଣ୍ଡା, ପରିଷ୍କାର ପାଣିରେ ମୁହଁକୁ ଭଲ ଭାବେ ଧୋଇ ତା'ପରେ ଶୁଅନ୍ତୁ। ଦେଖିବେ ଫ୍ରେଶ୍ ଲାଗିବା ସହ ରାତିରେ ଭଲ ନିଦ ହେବ।

✲ ଖରାଦିନେ ରାତିରେ ଶୋଇବା ପୂର୍ବରୁ କିଛି ମୁଲତାନି ମାଟି, କାକୁଡ଼ି ରସ ଓ ଚନ୍ଦନ ପାଉଡର ନେଇ ଏକ ଘୋଳ ପ୍ରସ୍ତୁତ କରି ମୁହଁରେ ଲଗାଇବେ। ଅଧଘଣ୍ଟା ପରେ ଥଣ୍ଡା ପାଣିରେ ମୁହଁ ଧୋଇଦେବେ। ଏମିତି କିଛିଦିନ କଲେ ଦେଖିବେ ତ୍ୱଚାରେ କ୍ରମେ ଚମକ୍ ଆସିଯିବ।

✲ କେତେକଙ୍କର ଆଖି ତଳ କଳା ପଡ଼ିବା ସମସ୍ୟା ରହିଥାଏ। ରାତିରେ ଶୋଇବା ପୂର୍ବରୁ ଆଖି ତଳେ ଭଲ ବ୍ରାଣ୍ଡର ଆଇକ୍ରିମ୍ ଲଗାଇବା ସହିତ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଖିର ଥକ୍କାପଣ ଦୂର କରିବା ପାଇଁ ଆଇଡ୍ରପ୍ ପକାଇଲେ ଦେଖିବେ କ୍ରମେ ଆଖି ସହ ତ୍ୱଚାରେ ବି ଚମକ୍ ଆସିଯିବ।

✲ କେବଳ ମୁହଁ କାହିଁକି ଶୋଇବା ପୂର୍ବରୁ ଶରୀରର ବାକି ଅଙ୍ଗରେ ବି ଭଲ ବ୍ରାଣ୍ଡର ନାଇଟ୍ କ୍ରିମ୍/ବଡ଼ି ଲୋଶନ କିମ୍ବା ଖାଲି ନଡ଼ିଆ ତେଲ ବି ଲଗାଇଲେ, ତ୍ୱଚା ଗ୍ଲୋ କରିବା ସହ ସମୟ ପୂର୍ବରୁ ଏଥିରେ ରିଙ୍କିଲ୍ସ ମଧ୍ୟ ଆସିବ ନାହିଁ।

✲ ରାତିରେ ଶୋଇବା ପୂର୍ବରୁ କେଶର ମସାଜ୍ କଲେ ବି ଭଲ ନିଦ ହେବା ସହ ଫ୍ରେଶ୍ ଲାଗେ; ଯାହା ତ୍ୱଚାରେ ସ୍ୱତଃ ଗ୍ଲୋ ଆଣି ଦେଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ମେ ୫-୧୧**

**ମେଷ**: କର୍ମଦକ୍ଷତାରୁ ଉଚ୍ଚସମ୍ମାନ, ସଭାସମିତିକୁ ନିମନ୍ତ୍ରଣ, ବନ୍ଧୁମାନଙ୍କ ସହଯୋଗ, ଖଳଲୋକଙ୍କ ଅପପ୍ରଚାର, ପ୍ରଶାସନିକ ତତ୍ପରତା, ସାହିତ୍ୟ କୃତିରୁ ପ୍ରଶଂସା, କ୍ରୀଡାରେ ସଫଳତା, ଚଳଚ୍ଚିତ୍ରରେ ସୁନାମ, ସାମୟିକ ଅର୍ଥସଂକଟ ॥

**ବୃଷ**: ସୁସ୍ଥଜୀବନ ଚର୍ଯ୍ୟା, କର୍ମକ୍ଷେତ୍ରରେ ଗୌରବ, ସାମାଜିକ ପ୍ରତିଷ୍ଠା, ସୁଖ ସୌଭାଗ୍ୟପ୍ରାପ୍ତି, ଯାନବାହନ କ୍ରୟ, ସାମୟିକ ସ୍ୱାସ୍ଥ୍ୟହାନୀ, ଖର୍ଚ୍ଚାନ୍ତରୁ ମନସ୍ତାପ, ବୃଥା ଭ୍ରମଣଜନିତ ଅଶାନ୍ତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସାମ୍ବାଦିକତାରୁ ପ୍ରଶଂସା ॥

**ମିଥୁନ**: ବ୍ୟକ୍ତିତ୍ୱର ପରିପ୍ରକାଶ, କଥନଶୈଳୀରୁ ପ୍ରଶଂସା, ନିଜ ପରିସରରେ ଲୋକପ୍ରିୟତା, ପଡୋଶୀଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ, କର୍ମଜଞ୍ଜାଳ ବୃଦ୍ଧି, ପାରିବାରିକ ମତ ପାର୍ଥକ୍ୟ, ସାଂଗଠନିକ ସଫଳତା ॥

**କର୍କଟ**: ଉନ୍ନତ ଚିନ୍ତା, ସୁଚିନ୍ତିତ କାର୍ଯ୍ୟଧାରା, କର୍ମକ୍ଷେତ୍ରରେ ସୁନାମ, ପ୍ରଶାସନିକ ଆଲୋଚନା, ଆର୍ଥିକ ଅନଟନ, ପ୍ଲଟିଂ ବ୍ୟବସାୟରେ ଉନ୍ନତି, ଯାତ୍ରାରେ ପ୍ରତିବନ୍ଧକ, ଧର୍ମକାର୍ଯ୍ୟର ପ୍ରସ୍ତୁତି ॥

**ସିଂହ**: ଅର୍ଥନୈତିକ ଅଭିବୃଦ୍ଧି, ପରିସ୍ଥିତି ବଦଳିଯିବ, ଆନୁଷ୍ଠାନିକ ସମ୍ମାନ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଲକ୍ଷ୍ୟ ହାସଲରେ ବିଫଳତା, ସହକର୍ମୀଙ୍କ ସ୍ୱାର୍ଥପରତା, ଆନୁଷ୍ଠାନିକ ନିମନ୍ତ୍ରଣ, ପାରିବାରିକ ଅସ୍ଥିରତା, ଯାତ୍ରାରେ ଅନ୍ୟମନସ୍କତା ॥

**କନ୍ୟା**: ଦୈହିକ ଦୁର୍ବଳତା, କ୍ରନିକରୋଗରେ ପୀଡା, ସମ୍ପର୍କହାନୀରୁ ଅନୁଶୋଚନା, ଆନୁଷ୍ଠାନିକ କାମରେ ଉତ୍ସୁକତା, ଅନ୍ତରଙ୍ଗଙ୍କ ସହଯୋଗ, ଜମିଜମା ବିବାଦ ବଢ଼ିବ, ପରିବାରରେ ଭୁଲ୍ ବୁଝାମଣା, ବିବାଦୀୟ ପରିସ୍ଥିତି, ନିଅଣ୍ଟିଆ ଆର୍ଥିକ ସ୍ଥିତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ ॥

**ତୁଳା**: ପରିବାରରେ ଶାନ୍ତି, ବନ୍ଧୁବର୍ଗରେ ଅଶାନ୍ତି, କର୍ମକ୍ଷେତ୍ରରେ କଳହ, ସ୍ୱାସ୍ଥ୍ୟ ସମସ୍ୟାରେ କ୍ରମୋନ୍ନତି, ସୁଚିନ୍ତିତ କର୍ମଯୋଜନା, ସନ୍ତାନ ହେତୁକ ବିଶୃଙ୍ଖଳା, ସାହିତ୍ୟାନୁରାଗ, ସଭାସମିତିକୁ ଆହ୍ୱାନ, ପ୍ରକାଶନରେ ବିଳମ୍ବ, ପ୍ରତିଯୋଗୀତାରେ ସଫଳତା।

**ବିଛା**: ଆଳସ୍ୟରୁ ସମାଲୋଚନା, ଅବହେଳାରୁ କର୍ମହାନୀ, ଗୁରୁତ୍ୱପୂର୍ଣ୍ଣ କାମରେ ବିଘ୍ନ, ପାରିବାରିକ ସହଯୋଗ, ଭୁଲ୍ ବୁଝାମଣା ଦୂର ହେବ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ପରିବହନରେ ଲାଭ, ଦୁର୍ବଳଆର୍ଥିକ ସ୍ଥିତି, ଗବେଷଣାରେ ଅଗ୍ରଗତି, ଆଇନ ସହାୟତା ପାଇବେ ॥

**ଧନୁ**: ଅପବ୍ୟୟରୁ ମନସ୍ତାପ, ଦୂରଯାତ୍ରାର ଯୋଜନା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ସହକର୍ମୀଙ୍କ ସହାୟତା, ଗୃହାରମ୍ଭରେ ବିବାଦ, ଗାଡିମୋଟର ମରାମତି, ସମସ୍ୟା ସମାଧାନ, ଭାବପ୍ରବଣ ହେବେ, ଶେୟାର ବଜାରରେ ଉନ୍ନତି ॥

**ମକର**: କାର୍ଯ୍ୟରେ ସିଦ୍ଧି ଲାଭ, ଲକ୍ଷ୍ୟସ୍ଥଳକୁ ଯାତ୍ରା, ଦୁଃସ୍ଥ ମାନସିକତା, ଉପରିସ୍ଥଙ୍କ ଅନୁକମ୍ପା, ପାରିବାରିକ ଜୀବନରେ ସ୍ଥିରତା, ସାମାଜିକ ସ୍ଥିତିରେ ଉନ୍ନତି, ଯାନବାହନ କ୍ରୟ,ଲୋକସମ୍ପର୍କ ବୃଦ୍ଧି, ସମସ୍ୟା ସମାଧାନ, ଅସଜଡା ପରିସ୍ଥିତି ସଜାଡିବେ, ବନ୍ଧୁମାନଙ୍କ ସହଯୋଗ ॥

**କୁମ୍ଭ**: କାର୍ଯ୍ୟରେ ବିଶୃଙ୍ଖଳା, ବନ୍ଧୁଙ୍କ ପକ୍ଷପାତିତା, ପାରିବାରିକ ସହମତି, ପ୍ରତିକୂଳ ପରିସ୍ଥିତି, ସନ୍ଦେହ ଦୂର ହେବ, ବକେୟା ଅର୍ଥ ଲାଭ, ମକଦ୍ଦମାରେ ବିଜୟ, ନିର୍ମାଣ କାର୍ଯ୍ୟରେ ଉତ୍ସୁକତା, ଆମଦାନୀ କାରବାର ବୃଦ୍ଧି, ହୋଟେଲଶିଳ୍ପରେ ଉନ୍ନତି ॥

**ମୀନ**: ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ମନସ୍ତାପ, ପାରିବାରିକ ସମସ୍ୟା, ସହକର୍ମୀଙ୍କ ଦ୍ୱନ୍ଦ୍ୱାତ୍ମକ କଥା, ସଠିକ୍ ନିଷ୍ପତି ନେବେ, ଧର୍ମାନୁଷ୍ଠାନରେ ସହଯୋଗ, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ, ପ୍ରଶାସନିକ ସଫଳତା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ଶିଳ୍ପବାଣିଜ୍ୟରେ ଉନ୍ନତି ॥

## ଦୀପରୁ ଦୀପ କାହିଁକି ଲଗାଯାଏ ନାହିଁ..



ହିନ୍ଦୁ ଧର୍ମରେ ଦୀପ ଜଳାଇବାକୁ ନେଇ ଅନେକ ଧାର୍ମିକ ମହତ୍ତ୍ୱ ରହିଛି। ଦୀପ ଜଳାଇ ଯେହେତୁ ଆମେ ଦେବଦେବୀଙ୍କୁ ଆବାହନ କରିଥାଉ ; ତେଣୁ ତାଙ୍କରି ଆଶୀର୍ବାଦରୁ ଗୃହରେ ଶାନ୍ତି, ସମୃଦ୍ଧି ଓ ସକାରାତ୍ମକ ଉର୍ଜା ଭରି ଯାଇଥାଏ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଯେଉଁ ଘରେ ଠାକୁରଙ୍କ ପାଖେ ଦୀପ ଜଳାଯାଏ ; ସେଠାରେ ପ୍ରଭୁଙ୍କ ବାସ ହୋଇଥାଏ। ତେବେ ଏହି ଗୋଟିଏ ନିୟମ ନୁହଁ, ଦୀପ ଜଳାଇବାକୁ ନେଇ ଆହୁରି ଅନେକ ନିୟମ ବି ରହିଛି। ସେଥିମଧ୍ୟରୁ ଆଉ ଗୋଟିଏ ନିୟମ ହେଉଛି, କେବେ ବି ଜଳୁଥିବା ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ଲଗାଇବା ଠିକ୍ ନୁହେଁ। କାରଣ ଶାସ୍ତ୍ର ଅନୁଯାୟୀ, ଯେତେବେଳେ ଆମେ ଗୋଟିଏ ଦୀପ ଜଳାଉ, ଜଳୁଥିବା ସେହି ବଳିତାରେ ଅଗ୍ନି ଦେବ ବାସ କରିଥାନ୍ତି। ଆଉ ତାଙ୍କରି ଆଶୀର୍ବାଦରୁ ଘରେ ଥିବା ସମସ୍ତ ନକାରାତ୍ମକ ଶକ୍ତି ସେହି ଜଳୁଥିବା ବଳିତାରେ ଆସି ଏକାଠି ହୋଇଯାନ୍ତି। ଫଳରେ ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ। କିନ୍ତୁ ଯଦି ଆମେ ସେହି ଜଳୁଥିବା ଦୀପରୁ ଆଉ ଗୋଟିଏ ଦୀପ ଲଗାଇବା, ତା'ହେଲେ ପ୍ରଥମ ଦୀପର ବଳିତାରେ ଏକାଠି ହୋଇ ରହିଥିବା ନକାରାତ୍ମକ ଶକ୍ତି ଅନ୍ୟ ଏକ ଦୀପର ବଳିତାକୁ ଚାଲିଯିବ। ଏମିତି ଭାବେ ଗୋଟିଏ ଦୀପରୁ ଅନ୍ୟ ଦୀପ ହୋଇ ସେମିତି ବୁଲୁଥିବ, ତାହା ସହଜରେ ନଷ୍ଟ ହେବ ନାହିଁ। ସେହିପରି କୁହାଯାଏ, ଯଦି ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ଲଗାଯାଏ, ତା'ହେଲେ ଏହା ସମ୍ପର୍କରେ ମଧ୍ୟ ନିଆଁ ଲଗାଇ ଦେଇଥାଏ ଅର୍ଥାତ୍ ଫାଟ ସୃଷ୍ଟି କରିଥାଏ। ତେଣୁ ଏହି କଥାକୁ କେତେ ଦୂର ମାନିବେ ତାହା ବ୍ୟକ୍ତିର ବିଶ୍ୱାସ ଓ ଅବିଶ୍ୱାସ ଉପରେ ହିଁ ନିର୍ଭର କରିଥାଏ।

## ପାଠକୀୟ

✲ କେଉଁଠି ପାନୀୟ ଜଳର ସୁବିଧା ନାହିଁ ତ, ପୁଣି କେଉଁଠି ପାନୀୟ ଜଳ ପାଇଁ ସବୁ ପ୍ରକାରର ବ୍ୟବସ୍ଥା ରହିଛି। ତଥାପି ବି ସେଠାକାର ଲୋକେ ଆଜି ମଧ୍ୟ ପୋଖରୀ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପୋଖରୀ ଭରସା' ବେଶ୍ ମନଛୁଆଁ ହୋଇପାରିଥିଲା। 'ବାସ୍ତୁ ଅନୁଯାୟୀ ମୁଖ୍ୟ ପ୍ରବେଶ ଦ୍ୱାର', 'ସୁରେଇ ବି ଆଣିପାରେ ସୌଭାଗ୍ୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। *– ସ୍ୱରାଜ ପ୍ରଧାନ, ସମ୍ବଲପୁର*

✲ ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନିତ 'ପୋଖରୀ ଭରସା' ଶୀର୍ଷକ ଆଲେଖ୍ୟଟି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଶର୍ଟ୍ସ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଗାଳ୍ପିକ, ନାଟ୍ୟକାର ବୈକୁଣ୍ଠନାଥ ସାହୁଙ୍କ ଜୀବନୀ ସମ୍ପର୍କରେ ବହୁ ଉପାଦେୟ କଥା ଜାଣି ଖୁସି ଲାଗିଲା।
*– ଶୁଭ୍ର ପ୍ରକାଶ ମିଶ୍ର, ପୋଖରୀପୁଟ, ଭୁବନେଶ୍ୱର*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ଆରପାଖ' ଶୀର୍ଷକ ଗପ ଏବଂ 'ପଥର ଦେବତା' ଶୀର୍ଷକ କବିତାଟି ବେଶ୍ ମନଛୁଆଁ ଲାଗୁଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ସ୍ୱାଏ ଅନିଲ', 'ସତ–ମିଛର ଖେଳ, 'ପ୍ରଶଂସିକା ହେବ ଏମିତି' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ତଥ୍ୟପୂର୍ଣ୍ଣ ବି ଥିଲା।
*– ରଶ୍ମିପ୍ରଭା ମହାନ୍ତି, ସାକ୍ଷୀଗୋପାଳ, ପୁରୀ*

✲ ସାହିତ୍ୟିକ ତଥା ଶିକ୍ଷାବିତ୍ ଲଳିତ କୁମାର ସ୍ୱାଇଁଙ୍କ ପ୍ରଥମ ରୋଜଗାର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। ସେହିପରି 'ମାଇପି ମେଳା', 'ପୋଲିସ–ଜନତାଙ୍କ ସୁସମ୍ପର୍କର ସେତୁ ଏହି ପରମ୍ପରା' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ହୋଇଥିଲା। ମଡେଲ୍ ମିରର୍‌ରେ ପ୍ରିୟଙ୍କା ଖୁବ୍ ସୁନ୍ଦରୀ ଲାଗୁଥିଲେ। *– ଭବାନୀ ପୃଷ୍ଟି, ଡେଲାଙ୍ଗ*

✲ ସହର ପୃଷ୍ଠାରୁ କେରଳ ବ୍ୟାକ୍ ୱାଟର୍ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଡିଶ୍ ୱାଶର୍‌ର କଥା' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ସେହିପରି 'କାନ୍ଥ ଓସାରର ଘର' ଶୀର୍ଷକ ପାଠଟି ଖୁବ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।
*– ସୋନି, ମାନି, ରୋନି, କଳାହାଣ୍ଡି*

✲ ଏଥରର ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଉଚ୍ଛୁଳା ଭକ୍ତିର ଅନ୍ତରାଳେ' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ସ୍ୱପ୍ନର ବାସ୍ତବ ରୂପ', '୨୪ ଘଣ୍ଟାରେ ୨୬୦୦୦ ବସ୍ ଉଠ୍' ଏବଂ 'ଅଜବ ବାଇକ' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ଲାଗିବା ସହ ପ୍ରେରଣାଦାୟୀ ଥିଲା।
*– ମୌସୁମୀ ପରିଡ଼ା, କେନ୍ଦୁଝର*




### ବିଶେଷ ଚିଠି


**ପୋ**ଖରୀ ଭରସା ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ,
ଶର୍ଟ୍ସ ଫ୍ୟାଶନ ପୁଣି ଥିଲା
ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ।
ତା'ସାଙ୍ଗକୁ ଲାଗୁଥିଲା ଭଲ
ତୁମ ସହରଠୁ ଦୂର ଓ ସିନେମା,
ମନ କିଣି ନେଉଥିଲା ପୁଣି
ତୁମ ସାଥୀର ଛବି ପ୍ରତୀମ।
ସତରେ ଛୁଟିଦିନ ତୁମେ ମହାନ୍
ତୁମ ପରି ନୁହେଁ କେହି ଏମିତି ଶକ୍ତିମାନ୍।
*– ରଞ୍ଜିତା ଦାଶ,*
*ରାଜକନିକା, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ତଥାପି ସମର୍ଥ

**କେହି ଦିବ୍ୟାଙ୍ଗ ତ କେହି ମାନସିକ ଅନଗ୍ରସର। ତଥାପି ଏମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ବି କ୍ରୀଡ଼ା ଅଭ୍ୟାସକୁ ଜାରି ରଖି ସଫଳତା ପଥରେ ଅଗ୍ରସର ହୋଇଥିବା ସମର୍ଥାଙ୍କ କାହାଣୀ..**



କେହି ଦିବ୍ୟାଙ୍ଗ ତ କେହି ମାନସିକ ଅନଗ୍ରସର। ତେବେ ନାନାପ୍ରକାର ପ୍ରତିକୂଳ ପରିସ୍ଥିତିରେ ରହୁଥିଲେ ମଧ୍ୟ ଗୁରୁଙ୍କ ଦିଗ୍‌ଦର୍ଶନରେ ସେମାନେ ଆଜି ସଫଳ କ୍ରୀଡାବିତ୍ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ବି କ୍ରୀଡ଼ା ଅଭ୍ୟାସକୁ ଜାରି ରଖି ସଫଳତା ପଥରେ ଅଗ୍ରସର ହୋଇଥିବା ସେମିତି କେତେଜଣଙ୍କ ସମ୍ପର୍କରେ..

**ସଫଳତାର ଯାତ୍ରାରେ ସରିତା:** ସ୍ପେଶାଲ, ଅଲିମ୍ପିକ୍ସ ୱାର୍ଲଡ ସମର ଗେମ୍ସର ୟୁନିଫାଏଡ ବିଚ୍ ଭଲିବଲ୍‌ରେ ସ୍ୱର୍ଣ୍ଣ ଏବଂ ୱିଣ୍ଟର ଗେମ୍ସର ଫ୍ଲୋର ହକିରେ ବ୍ରୋଞ୍ଜ ପଦକ ଜିଣିଛନ୍ତି **ସରିତା ରାଉତରାୟ** । ମାତା ସେହ୍ନଲତା ରାଉତରାୟ ଓ ପିତା ଗୁଣ୍ଡିଚା ରାଉତରାୟ। ତାଙ୍କ ମା' ସେହ୍ନଲତା କୁହନ୍ତି– ମୋ ସ୍ୱାମୀଙ୍କ ଶ୍ରବଣ ଶକ୍ତିରେ ସମସ୍ୟା ଥିଲେ ମଧ୍ୟ ସେ ରାଜମିସ୍ତ୍ରି ଭାବେ ଯାହାକିଛି ରୋଜଗାର କରୁଥିଲେ ସେଥିରେ ଆମ ପରିବାର ଦୁଃଖେକଷ୍ଟେ ଚଳି ଯାଉଥିଲା। କିନ୍ତୁ ସ୍ୱାମୀଙ୍କ ବିୟୋଗ ହେବାରୁ ଘର ଚଳାଇବା ଲାଗି ବସ୍ତିରେ ଛୋଟ ତେଜରାତି ଦୋକାନଟିଏ ଦେଲି। ସବୁବେଳେ ଅଭାବଅସୁବିଧା ଲାଗି ରହିଥାଏ। ଏସବୁ ସତ୍ତ୍ୱେ ବି ସରିତା କେବେ ତା' ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନାହିଁ। ପ୍ରଥମେ ଏକ ସାଧାରଣ ସ୍କୁଲରେ ତା'ର ନାମ ଲେଖାହୋଇଥିଲା । କିନ୍ତୁ ସେଠାରେ ସେ ଅନ୍ୟ ପିଲାଙ୍କ ପରି ସହଜରେ ପଢି ପାରିଲା ନାହିଁ। କାରଣ ତା'ର ଶୁଣିବା ଓ କହିବାରେ ଟିକେ ଅସୁବିଧା ଥିଲା। ତାକୁ ଯେତେବେଳେ ସାତବର୍ଷ ହେଲା ସେ ସେଣ୍ଟର ଅଫ୍ ସ୍ପେଶାଲ ଏଜୁକେଶନ ଫର୍ ଚିଲ୍‌ଡ୍ରେନ ୱିଥ୍ ମଲ୍ଟିପଲ ଡିଜାବିଲିଟି ଅଫ୍ ଓପନ ଲର୍ନିଂ ସିଷ୍ଟମ୍ (ଓଏଲ୍‌ଏସ୍)ରେ ଯୋଗଦେଲା। ସେଠାରେ ଅନୁଧ୍ୟାନ ପରେ ଜଣାପଡ଼ିଲା ଯେ, ସେ ସାମାନ୍ୟ ମାନସିକ ଅନଗ୍ରସର। ପରେ ତାକୁ ଓଡ଼ିଶୀ ନୃତ୍ୟ ସହିତ ଟେଲରିଂ ଆଦି ଶିକ୍ଷା ଦିଆଗଲା। ସେଥିରେ ସେ ବହୁତ ଭଲ କରି ଅନେକ ପ୍ରଶଂସା ଅର୍ଜନ କଲା। ତେବେ କ୍ରୀଡ଼ା କ୍ଷେତ୍ରରେ ତାକୁ ଚିହ୍ନଟ କରିଥିଲେ ଓଏଲ୍‌ଏସ୍ ସିଇଓ ତଥା ସ୍ପେଶାଲ ଅଲିମ୍ପିକ୍ସ ଭାରତ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶକୁମାର ରଥ।' ସରିତାଙ୍କ ପ୍ରଶିକ୍ଷିକା ଅର୍ପିତା ମହାପାତ୍ର କୁହନ୍ତି, 'ସରିତା ଆସ୍ତେ ଆସ୍ତେ ସାଇକେଲିଂ ସହିତ ଫୁଟବଲ, ବିଚ୍ ଭଲିବଲ୍ ଏବଂ ଫ୍ଲୋର ହକିରେ ନିଜର ଦକ୍ଷତା ଦେଖାଇପାରିଥିଲେ। ଆଉ ଜାତୀୟ ଚାମ୍ପିୟନଶିପର ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କଲେ। ୨୦୧୫ ଅଗଷ୍ଟରେ ଆମେରିକାର ଲସ୍ ଏଞ୍ଜେଲ୍ସରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲଡ ସମର ଗେମ୍ସର ୟୁନିଫାଏଡ ବିଚ୍ ଭଲିବଲରେ ସେ ସ୍ୱର୍ଣ୍ଣ ପଦକ ହାସଲ କଲେ। ସେହିପରି ୨୦୧୭ରେ ଅଷ୍ଟ୍ରିଆରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲଡ ୱିଣ୍ଟର ଗେମ୍ସର ଫ୍ଲୋର ହକିରେ ବ୍ରୋଞ୍ଜ ପଦକ ହାସଲ କଲେ। ଏପ୍ରିଲ ୨୦୨୪ରେ ସେ ଜାତୀୟସ୍ତରୀୟ ସାଇକେଲିଂ ଚାମ୍ପିୟନଶିପ୍‌ରେ ଭାଗନେଇ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏବେ ସରିତା କୋଚ–ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି।'

**ସ୍ପେଶାଲ ଅଲିମ୍ପିକରେ କଳ୍ପନା:** ସ୍ପେଶାଲ ଅଲିମ୍ପିକ୍ସ କ୍ରୀଡ଼ାରେ ସାଇକେଲିଂରେ ରୌପ୍ୟ ପଦକ ହାସଲ କରିଛନ୍ତି **କଳ୍ପନା ଜେନା**। ମାତା ଗୀତାଞ୍ଜଳି ଜେନା, ପିତା ଗଦାଧର ଜେନା। ଘର କଟକ ଜିଲାର ଆଠଗଡ଼, ଖୁଣ୍ଟକଟା ଗାଁରେ। ତାଙ୍କ ମା' କୁହନ୍ତି,' ମୋର ତିନି ଝିଅ ଓ ଗୋଟିଏ ପୁଅ। କଳ୍ପନା ସାନ ଝିଅ, ତା'ର ଆଖି ଓ ମସ୍ତିଷ୍କରେ ସମସ୍ୟା ରହିଛି, ଯାହାଫଳରେ ସେ ମାନସିକ ଅନଗ୍ରସର। ତାଙ୍କ ବାପା ମୂଲମଜୁରି ଲାଗି ପରିବାର ଚଳାଇଥାନ୍ତି। ୨୦୧୮ରେ ଦୋରଡ଼ା ବ୍ରଜବିହାରୀ ଟ୍ରଷ୍ଟ ଡେ' କେୟାରରେ କଳ୍ପନାର ନାମ ପଞ୍ଜୀକରଣ କରିଥିଲେ। କଳ୍ପନାଙ୍କ ପ୍ରଶିକ୍ଷକ ବିବେକାନନ୍ଦ ମହାନ୍ତି କୁହନ୍ତି, ୨୦୧୯ରେ ସ୍ପେଶାଲ ଅଲିମ୍ପିକ୍ସରେ ଫ୍ଲୋର ବଲ ବିଭାଗରେ ଓଡ଼ିଶା ତରଫରୁ ଭାଗ ନେଇ ତୃତୀୟସ୍ଥାନ ହାସଲ କରିଥିଲେ। ୨୦୨୦–୨୧ ମସିହା କରୋନା ସମୟରେ ଅନ୍‌ଲାଇନରେ ବହୁଥର ଖେଳରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ୨୦୨୨–୨୩ରେ ଭାରତର ଜାତୀୟ ସ୍ତରୀୟ ଅଲିମ୍ପିକ୍ସରେ ସାଇକେଲିଂ, ରୋଲର ସ୍କାପିଙ୍ଗ ଓ ବ୍ୟାଡମିଣ୍ଟନରେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ଏହାଛଡ଼ା ଭାରତ ତରଫରୁ ଗ୍ରୀଷ୍ମକାଳୀନ ସ୍ପେଶାଲ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୩ ଜୁନ୍‌ରେ ଜର୍ମାନୀର ବର୍ଲିନ ସହରରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ କ୍ରୀଡ଼ାରେ ସାଇକେଲିଂରେ ଭାଗନେଇ ୨ୟ ସ୍ଥାନ ହାସଲ କରି ସିଲଭର ପଦକ ପାଇଥିଲେ। ୨୦୨୪ ଜାନୁୟାରୀରେ ଗୋଆଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାଗନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ପାଠପଢା ସହିତ ଖେଳ ଅଭ୍ୟାସକୁ ଜାରି ରଖିଛନ୍ତି।

**ଇଚ୍ଛାଶକ୍ତି ଆଣିଦେଲା ସଫଳତା:** ଦୃଢ଼ ମନୋବଳ, ପ୍ରବଳ ଇଚ୍ଛାଶକ୍ତି ସହ ଉପଯୁକ୍ତ ଟ୍ରେନିଂ ପାଇଲେ ଜଣେ ସଫଳତା ପାଇପାରେ। ସେମିତି ଜଣେ ପ୍ରତିଭା ହେଲେ ସ୍ପେଶାଲ ଆଇଲେଟ **ଅରିଦିତା ଚକ୍ରବର୍ତ୍ତୀ**। ସେ ଜଣେ ମାନସିକ ଅନଗ୍ରସର। ମାତା ବୁଲା ଚକ୍ରବର୍ତ୍ତୀ, ପିତା ତାପସ ଚକ୍ରବର୍ତ୍ତୀ। କିଛି ବର୍ଷ ତଳେ ତାଙ୍କ ପରିବାର ଶିଲିଗୁଡ଼ିରୁ ଆସି ଭୁବନେଶ୍ୱରରେ ରହୁଥିଲେ। ଅରିଦିତାଙ୍କୁ ୭ବର୍ଷ ହୋଇଥିଲା ସେହି ସମୟରେ ତାଙ୍କ ପିତାଙ୍କ ବିୟୋଗ ଘଟିଥିଲା। ଅରିଦିତା ଭୁବନେଶ୍ୱରରେ ରହୁଥିବା ଯୋଗୁ ସେଣ୍ଟର ଅଫ୍ ସ୍ପେଶାଲ ଏଜୁକେଶନ ଫର୍ ଚିଲଡ୍ରେନ ୱିଥ୍ ମଲ୍ଟିପଲ ଡିଜାବିଲଟି ଅଫ୍ ଓପନ ଲର୍ନିଂ ସିଷ୍ଟମ (ଓଏଲ୍‌ଏସ୍)ରେ ଯୋଗଦେଲେ। ଏଠାରେ ଅରିଦିତାଙ୍କୁ କେବଳ ବୌଦ୍ଧିକ ବିକାଶରେ ସହାୟତା ହୋଇ ନ ଥିଲା ବରଂ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ଅର୍ଜନ ପାଇଁ ବଡ଼ ପ୍ଲାଟଫର୍ମ ବି ମିଳିଥିଲା। ଅରିଦିତାଙ୍କୁ ଜଣେ ସଫଳ ଖେଳାଳି ଭାବେ ଗଢି ତୋଳିବାରେ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରଶିକ୍ଷିକା ସସ୍ମିତା ମହାପାତ୍ରଙ୍କର ଅନେକ ଭୂମିକା ରହିଛି। ସସ୍ମିତା କୁହନ୍ତି, ଅରିଦିତାଙ୍କ ବୌଦ୍ଧିକ ବିକାଶ ସଙ୍ଗେ ସଙ୍ଗେ କ୍ରୀଡ଼ା କ୍ଷେତ୍ରରେ ଅଧିକ ରୁଚି ଦେଖିବାକୁ ମିଳିଥିଲା। ଗୁଜରାଟ ଗାନ୍ଧୀନଗରଠାରେ ଆୟୋଜିତ ସ୍ୱତନ୍ତ୍ର ଅଲିମ୍ପିକ୍ସରେ ପ୍ରଶିକ୍ଷଣ ଓ ଚୟନ ଶିବିରରେ ୧୦୦ମିଟର ଓ ୨୦୦ମିଟର ପାଇଁ ସ୍ୱତନ୍ତ୍ର ଶଟପୁଟରେ ଭଲ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ବିଶ୍ୱ କ୍ରୀଡ଼ା ଲାଗି ଯୋଗ୍ୟତା ହାସଲ କରିଥିଲେ। ୨୦୧୮ମସିହାରେ ବିହାରର ମୁଜାଫରପୁରଠାରେ ସ୍ୱତନ୍ତ୍ର ଅଲିମ୍ପିକ୍ସରେ ପ୍ରଶିକ୍ଷଣ ଓ ସ୍କ୍ରିନିଂ ଶିବିର ପ୍ରତିଯୋଗିତାରେ ସେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ସମୟକ୍ରମେ ୧୦୦ ମିଟର ଦୌଡ଼ରେ ଗୋଲ୍ଡ ଓ ୨୦୦ ମିଟର ଦୌଡ଼ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ତେବେ ଅରିଦିତାଙ୍କ ଦକ୍ଷତାକୁ ଅଧିକ ଶାଣିତ କରିବାରେ ସ୍ୱତନ୍ତ୍ର ଅଲିମ୍ପିକ୍ସ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ ଏବଂ ସସ୍ମିତା ମହାପାତ୍ରଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ରାଜ୍ୟ, ଦେଶ ଓ ବିଦେଶରୁ ଅରିଦିତାଙ୍କୁ ବହୁ ସମ୍ମାନ ଓ ପୁରସ୍କାର ମିଳିଛି। ଓଡ଼ିଶା ସରକାରଙ୍କ ୟୁଥ୍ ଆଣ୍ଡ ସ୍ପୋର୍ଟସ ବିଭାଗ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ୪ଲକ୍ଷ ଟଙ୍କା ପ୍ରଦାନ କରିଥିଲା। ଏହାବ୍ୟତୀତ ସେ ଏସ୍‌ଏସ୍‌ପିଇଡି ସଂସ୍ଥା, ରେଡ୍‌କ୍ରସ ଓ ବିଆର୍‌ଏମ୍, ଏଏସ୍‌ଏଚଏ ଆୱାର୍ଡରେ ସମ୍ମାନିତ।

**ଜୟନ୍ତୀଙ୍କ ସଫଳତାର ଯାତ୍ରା:** ପୁରୀ ଜିଲା ସତ୍ୟବାଦୀ ମାଣିତ୍ରୀ ସାହିର କୁଞ୍ଜ ବେହେରା । ପତ୍ନୀ ଆଶାମଣି, ୪ ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର। ସେମାନେ ଏକ କୁଡ଼ିଆ ଘରେ ରହୁଥିବା ବେଳେ କୁଞ୍ଜ ଦିନମଜୁରି ଲାଗି ଘର ଚଳାଇଥାନ୍ତି। ସାନ ଝିଅ ଜୟନ୍ତୀ ପ୍ରାୟ ବର୍ଷକର ହୋଇଥିବାବେଳେ ଘରେ ଚାଲୁ ଚାଲୁ ହଠାତ୍ ଜଳନ୍ତା କାଠ ଚୁଲିରେ ପଡିଯିବାରୁ ଶରୀରର ବାମ ହାତ ପୋଡିଯାଇଥିଲା। ଚିକିତ୍ସା ପରେ ତାଙ୍କର ପୋଡ଼ା ଘା ସିନା ଭଲ ହୋଇଗଲା, ହେଲେ ହାତଟି ସବୁଦିନ ପାଇଁ ବଙ୍କା ହୋଇ ରହିଗଲା। ଏଥିଯୋଗୁ ଝିଅର ଚିନ୍ତା କୁଞ୍ଜଙ୍କୁ ଘାରିଥିଲା। ସମୟକ୍ରମେ ପାଖ ଗାଁ ସ୍କୁଲରେ **ଜୟନ୍ତୀ ବେହେରା** ପାଠପଢିଲେ। ତାଙ୍କ ହାତ ପୋଡି ଯାଇଥିବାରୁ ସାଙ୍ଗସାଥୀଙ୍କ ଠାରୁ ତାଙ୍କୁ ଥଟ୍ଟା ପରିହାସ ଶୁଣିବାକୁ ପଡୁଥିଲା। ଜୟନ୍ତୀ ୬ଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଥରେ ବ୍ଲକ ସ୍ତରୀୟ ଏକ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲେ। ସେଠାରେ ଜୟନ୍ତୀଙ୍କ ଖେଳପ୍ରତି ଆଗ୍ରହ ଓ ଅନ୍ତର୍ନିହିତ ଗୁଣକୁ ଚିହ୍ନିଥିଲେ ବିଷ୍ଣୁପ୍ରସାଦ ମିଶ୍ର। ତା' ପରେ ଜୟନ୍ତୀଙ୍କ ଠାରୁ ଠିକଣା ସଂଗ୍ରହକରି ତାଙ୍କ ମା' ବାପାଙ୍କୁ ବୁଝାସୁଜା କରି ସାକ୍ଷୀଗୋପାଳଠାରେ ଥିବା ଗୁରୁକୁଳ ଆଥ୍‌ଲେଟିକ ଟ୍ରେନିଂ ସେଣ୍ଟରରେ ଜୟନ୍ତୀଙ୍କ ରହିବା ବ୍ୟବସ୍ଥା କରିଥିଲେ। ଏଠାରେ ତାଙ୍କୁ ପାଠ ପଢ଼ାଇବା ସହ ପ୍ରଫେସନାଲ ଆଥ୍‌ଲେଟ ଭଳି ପ୍ରଶିକ୍ଷଣ ଦେଇଥିଲେ। ବିଷ୍ଣୁପ୍ରସାଦ କୁହନ୍ତି, 'ଜୟନ୍ତୀଙ୍କୁ ପ୍ରଶିକ୍ଷଣ ଦେବାର କିଛିଦିନ ମଧ୍ୟରେ ସେ ପ୍ରଫେସନାଲ ଆଥଲେଟ ଭାବେ କାମ କରିଥିଲେ। ୨୦୦ ମିଟର ଓ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ସେ ଟ୍ରାକକୁ ଓହ୍ଲାଇଥିଲା। ସାଧାରଣ ବର୍ଗର ଆଥ୍‌ଲେଟଙ୍କ ସହ ୮୦୦ ମିଟର ଦୌଡ ପ୍ରତିଯୋଗିତାରେ ଦୌଡ଼ି ସ୍ୱର୍ଣ୍ଣ ପଦକ ଜିତିଥିଲେ। କେବଳ ରାଜ୍ୟ ନୁହେଁ, ରାଜ୍ୟ ବାହାରେ ମଧ୍ୟ ଟ୍ରାକ୍‌ରେ ନିଜର ପ୍ରତିଭା ଦେଖାଇ ରାଜ୍ୟ ପାଇଁ ଅନେକ ମେଡାଲ ଜିତିଥିଲେ। ସମୟକ୍ରମେ ଜୟନ୍ତୀ ଜାତୀୟ ସିନିୟର ପାରା ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ୨୦୧୬ ମସିହାରେ ୪ଟି ସ୍ୱର୍ଣ୍ଣ, ୨୦୧୭ ମସିହାରେ ୩ଟି ସ୍ୱର୍ଣ୍ଣ ଓ ୨୦୧୮ ମସିହାରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ତା' ସହିତ ଶ୍ରେଷ୍ଠ ମହିଳା ଆଥ୍‌ଲେଟ ପୁରସ୍କାର ମଧ୍ୟ ହାସଲ କରିଥିଲେ। ରାଜ୍ୟ, ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ପରେ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଜୟନ୍ତୀ ସଫଳତା →


ଅରିଦିତା ଚକ୍ରବର୍ତ୍ତୀ


ସରିତା ରାଉତରାୟ


ଭାନୁମତୀ ବେହେରା



ପିଲାମାନଙ୍କ ଗହଣରେ ଭାନୁମତି ବେହେରା



ପରିବାର ସଦସ୍ୟଙ୍କ ସହିତ କଳ୍ପନା ଜେନା

ହାସଲ କରିଛନ୍ତି। ୨୦୧୭ ମସିହା ଜୟନ୍ତୀଙ୍କ ପାଇଁ ଥିଲା ସ୍ୱର୍ଣ୍ଣିମ ବର୍ଷ। ୯ ମେ' ୨୦୧୭ ବେଜିଂଠାରେ ଅନୁଷ୍ଠିତ ଚାଇନା ଓପନ ପାରା ଆଥ୍ଲେଟିକ ଚାମ୍ପିୟନଶିପ୍‌ରେ ସେ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। ସୁଇଜରଲାଣ୍ଡଠାରେ ଅନୁଷ୍ଠିତ ଜୁନିୟର ୱାର୍ଲଡ ପାରା ଆଥ୍ଲେଟିକ ଚାମ୍ପିୟନଶିପ୍‌ରେ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଏବଂ ୨୦୦ ମିଟର ଦୌଡରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇ ଭାରତର ଜାତୀୟ ପତାକାକୁ ଉଡାଇ ଥିଲେ। ୧୦ ଡିସେମ୍ବର ୨୦୧୭ ଦୁବାଇଠାରେ ଅନୁଷ୍ଠିତ ୟୁଥ୍ ଏସିଆନ ପାରା ଗେମସରେ ଭାରତ ପାଇଁ ପ୍ରତିନିଧି କରି ୨୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ, ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ଏବଂ ୧୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଥିଲେ। ୧୪ ଜୁଲାଇ ୨୦୧୭ରେ ଲଣ୍ଡନରେ ଅନୁଷ୍ଠିତ ବିଶ୍ୱ ପାରା ଆଥ୍ଲେଟିକ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ସାଧାରଣ ଆଥ୍ଲେଟଙ୍କ ଟାଇମିଙ୍ଗ ସହ ପ୍ରାୟ ପାଖାପାଖି ଟାଇମିଙ୍ଗର ଦୂରତା ରଖନ୍ତି ଜୟନ୍ତୀ। ଦୈନନ୍ଦିନ କ୍ରୀଡ଼ା ଅଭ୍ୟାସକୁ ଜାରି ରଖିଛନ୍ତି। ଏବେ ରାଜ୍ୟ ଖଣି ନିଗମରେ ସେ ନିଯୁକ୍ତି ପାଇଛନ୍ତି ।

**ଭାନୁମତି ବେହେରା:** ସମୟ କେତେବେଳେ କାହାକୁ କେଉଁ ପରିସ୍ଥିତିରେ କ'ଣ କରିପାରେ ତାହା କିଏ କହିବ। ସତ କହୁଛି ଆଜ୍ଞା, ମୋର ଏ ଦିବ୍ୟାଙ୍ଗ ଜନ୍ମଗତ ନୁହେଁ! ଭାଗ୍ୟର ବିଡ଼ମ୍ବନା ହେତୁ ମୁଁ ଆଜି ଜଣେ ଦିବ୍ୟାଙ୍ଗ ପାଲଟି ଯାଇଛି । ମୋ ଜୀବନର ସଂଘର୍ଷମୟ ପଥରେ ଏମିତି କିଛି ଘଟଣା ଘଟିଛି, ଯାହା ମୋ ଲାଗି ପରିବାର ଅନେକ କିଛି ହରାଇଛନ୍ତି। ଏହା କୁହନ୍ତି ଜଣେ ଷ୍ଟେଟ୍ ପାରା ଆଥ୍ଲେଟିକ ଚାମ୍ପିୟନଶିପ ଖେଳାଳି **ଭାନୁମତି ବେହେରା।** ମାତା-ରେବତୀ ବେହେରା, ପିତା- ଶତ୍ରୁଘ୍ନ ବେହେରା। ଘର କେନ୍ଦୁଝର ଜିଲାର ସଦର ବ୍ଲକ ଅନ୍ତର୍ଗତ ମହାଦେଇ ଯୋଡ଼ାର ଟିକରପଡ଼ାରେ। ଭାନୁମତି କୁହନ୍ତି- ସେତେବେଳେ ମହାଦେଇଯୋଡ଼ା ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଥାଏ । ଖେଳ ପିରିୟଡରେ ସହପାଠୀମାନଙ୍କ ସହିତ କବାଡ଼ି ଖେଳ ଅଭ୍ୟାସ କରୁଥିଲି, ବିପକ୍ଷ ଦଳର ଖେଳାଳିଙ୍କ ଦ୍ୱାରା ଥରେ ମୋ ବାମ ଗୋଡ଼ରେ ଶକ୍ତ ଆଘାତ ଲାଗିଥିଲା। କିନ୍ତୁ ଖେଳରେ ଏତେ ମାତ୍ରାରେ ମଜି ଯାଇଥିଲି ଯେ ଶକ୍ତ ଆଘାତ ପାଇଲା ପରେ ମଧ୍ୟ ଖେଳି ଚାଲିଥିଲି। କିନ୍ତୁ ଆଉ ଦିନେ ଖେଳୁଥିବା ବେଳେ ପୁଣି ସେହି ଗୋଡ଼ରେ ବିପକ୍ଷ ଖେଳାଳିଙ୍କ ଗୋଡ ମାଡ଼ ହେଲା ଫଳରେ ଅଧିକ ଯନ୍ତ୍ରଣା ହେଲା। ଗୋଡ ପ୍ରତି ଗୁରୁତ୍ୱ ନ ଦେଇ ପ୍ରତିଦିନ ପ୍ରାୟ ୩/୪କିମି ଦୂର ସ୍କୁଲକୁ ଚାଲିକି ଯାଆସ କରୁଥାଏ। ଫଳରେ ଦିନକୁ ଦିନ ଗୋଡ଼ ଯନ୍ତ୍ରଣା ଅସହ୍ୟ ହେଲା। କିନ୍ତୁ ମା'ଙ୍କୁ ଅସଲ କଥା ନ କହି ଗୋଡ଼ ଦରଜ ହେଉଛି ବୋଲି କହିଲି । ସେ କହିଲା ପ୍ରତି ଦିନ ୧୦କିମି ସ୍କୁଲକୁ ଯିବାଆସିବା କରୁଥିବାରୁ ଏମିତି ଦରଜ ହେଉଛି। କିନ୍ତୁ ଯେତେବେଳେ ସ୍କୁଲକୁ ଯାଇପାରିଲି ନାହିଁ ଆମଘରକୁ କେତେଜଣ ସାଙ୍ଗପିଲା ଆସିଥିଲେ। ସେମାନେ ଘରେ ସବୁ ସତ କଥା କହିଦେଲେ। ଏହାପରେ ମତେ ମେଡ଼ିକାଲ ନେଇ ଏକ୍ସ-ରେ କରାଯାଇଥିଲା। ଡାକ୍ତର କହିଲେ ଗୋଡ଼ ଭାଙ୍ଗି ଯାଇଛି ପ୍ଲାଷ୍ଟର ହେବ । ୩ମାସ ଗୋଡ ପ୍ଲାଷ୍ଟର ରହିବ। ହେଲେ ୮/୧୦ ଦିନ ଯାଇଛି ଗୋଡ଼ରେ ଅସହ୍ୟ ଯନ୍ତ୍ରଣା ହେଲା। ଆଉ ସମ୍ଭାଳି ପାରିଲି ନାହିଁ । ଥରେ ଘରେ କେହି ନ ଥିବା ବେଳେ ପନିକିରେ ସେହି ପ୍ଲାଷ୍ଟରକୁ କାଟିଦେଇଥିଲି। ଦେଖିଲି ଗୋଡ଼ ସାମାନ୍ୟ ଫୁଲି ଯାଇଥିଲା। ହେଲେ ପୁଣି ଯନ୍ତ୍ରଣା ଅସହ୍ୟ ହେଲା। ବିକଳ ସହି ନ ପାରି ମୋତେ ଭଲ କରିବା ପାଇଁ ବାପା ଚିନ୍ତାକଲେ। ଧାର କରଜ କରି ଟଙ୍କା ଆଣିଲେ । ଯିଏ ଯୁଆଡ଼େ କହିଲେ ଚିକିତ୍ସା ପାଇଁ ନେଲେ। ଜଣେ ଆୟୁର୍ବେଦିକ ଚିକିତ୍ସକଙ୍କ ଠାରୁ ଚେରମୂଳି ଔଷଧ ବ୍ୟବହାର କରିବା ପରେ ଟିକେ ଭଲ ଲାଗିବାରୁ ଚାଲିବା ଆରମ୍ଭ କଲି। ସେତେବେଳେ ୯ମ ପରୀକ୍ଷା ଚାଲିଥାଏ। ଶେଷ ଦିନ ପରୀକ୍ଷା ଦେଇ ସାଇକେଲ ଚଲାଇ ଘରକୁ ଫେରୁଥାଏ ହଠାତ୍ ସାଇକେଲରୁ ପଡ଼ିଗଲି। ପୁଣି ସେଇ ଭଙ୍ଗା ଗୋଡ଼ରେ ଆଘାତ ଲାଗିଲା। ଗୋଡ଼ ଫୁଲି ଗଲା। ଆଉ ଚାଲିପାରିଲି ନାହିଁ। ଗୋଟିଏ ଜାଗାରେ ପଡ଼ିରହିଲି। ସେଠାରୁ ମୋତେ ବାପା ଘରକୁ ଧରିକି ଆସିଲେ। ଜାଣିବାକୁ ପାଇଲୁ କଟକରୁ ଜଣେ ଡାକ୍ତର କେନ୍ଦୁଝର ଆସୁଛନ୍ତି। ତାଙ୍କ ପାଖକୁ ଯିବାରୁ ସେ କହିଲେ ଚିକିତ୍ସାରେ ବିଳମ୍ବ ହୋଇଯାଇଛି। ଯଦି ପାରୁଛ ଝିଅକୁ ଶୀଘ୍ର କଟକ ନେଇଯାଅ। ଗୋଡ଼ରେ ଯେଉଁ ଆଘାତ ଲାଗିଥିଲା ସେଥିରେ ବ୍ଲଡ ଜମି ଇନ୍‌ଫେକଶନ କରିଗଲାଣି। ଏପରିକି କ୍ୟାନସର ଆଡ଼କୁ ଗତି କଲାଣି। କିଛି ଲୋକ କହିଲେ କଟକ ନେଲେ ଗୋଡ଼ କାଟିଦେବେ । ତମେ ଆଉ ଅନ୍ୟଆଡ଼େ ଯାଅ। ତେଣୁ କଟକ ପରିବର୍ତ୍ତେ ଝାଡ଼ଖଣ୍ଡ ଗଲୁ । ସେଠାରେ ଡାକ୍ତର ଯେଉଁ ଚିକିତ୍ସା କଲେ ଭଲ ହେବା ପରିବର୍ତ୍ତେ ଅଧିକ ରୋଗ ଯନ୍ତ୍ରଣା ବଢିଗଲା। ସେଠାରୁ କିଛିଦିନ ପରେ ଗାଁକୁ ଫେରିଲୁ। ମୋ ଚିକିତ୍ସା ଲାଗି ଘର, ଜମି ବିକ୍ରି ହେଲା ଆଉ କିଛି ଲୋକଙ୍କଠାରୁ ଟଙ୍କା କରଜ କରି ବାପା କଟକ ଆଣିଲେ । କଟକ ବଡ଼ ମେଡିକାଲରେ କାଳେ ଡେରି ହେବ ବୋଲି ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା କରାଗଲା। କିଛିଦିନ ପରେ ଡକ୍ଟର କହିଲେ କ୍ୟାନସରକୁ ସ୍ପ୍ରେଡ କରୁଛି , ଚିକିତ୍ସା ପରେ ବି କିଛି ଗ୍ୟାରେଣ୍ଟି ଦେଇପାରିବୁ ନାହିଁ। ମୁଁ କହିଲି ସାର ମୋର ଗୋଡ଼ କାଟି ଦେଲେ ସବୁ କିଛି ଠିକ ହେଇଯିବ କି? କାରଣ ମୋ ବାପାଙ୍କ ପାଇଁ ମତେ ବଞ୍ଚିବାକୁ ହେବ। ଡାକ୍ତର କହିଲେ ହଁ ଝିଅ ଗୋଡ କାଟିଦେଲେ ତୁ ବଞ୍ଚିଯିବୁ । ସେଇୟା ହେଲା। ଚିକିତ୍ସା ଯୋଗୁ ପାଠରେ ପଛେଇ ଯିବାରୁ ଘରକୁ ଜଣେ ସାର ପଢେଇବାକୁ ଆସିଲେ । ତା'ପରେ ୧୦ମ ପରୀକ୍ଷା ଦେଇ ପ୍ରଥମ ସ୍ଥାନ ପାଇଲି। ରାଇସୁଆଁ କଲେଜରେ +୨ ପଢିଲି । ଘର ଚଳିବା ପାଇଁ ମା' ହାଣ୍ଡି ମାଠିଆ ତିଆରି କରି ବିକ୍ରି କଲେ। ସେହି ଖର୍ଚ୍ଚରେ କେନ୍ଦୁଝର ଧରଣୀଧର କଲେଜରେ +୩ ପଢିଲି। ଘରେ କିଛି ରୋଜଗାର ଆଶାରେ ପିଲାଙ୍କୁ ଟିଉଶନ କଲି। ୨୦୧୪ରେ ସାନଭଉଣୀର ବିବାହ ଯୋଗୁ ତା'ର ଖର୍ଚ୍ଚ, ପୁଣି ସେହିବର୍ଷ ଜେଜେ ମା'ଙ୍କ ମୃତ୍ୟୁ ଘଟିଲା। ବାପା ଧାରକରଜ ଚିନ୍ତାରେ ଅସ୍ତବ୍ୟସ୍ତ ହୋଇ ଭାଙ୍ଗି ପଡ଼ିଲେ। ୨୦୧୫ରେ ଚାଷପାଇଁ ଲୋନ କରିଥିଲେ ସେହିବର୍ଷ ମରୁଡ଼ି ହେଲା। ବାପାଙ୍କୁ ବୁଦ୍ଧିବାଟ କିଛି ଦିଶିଲା ନାହିଁ। ୨୦୧୫ରେ ମୁଁ ପୁରୀ ଜିଲାର କଣାସ ଦୟାବିହାର ଏକ ସଂସ୍ଥାରେ କମ୍ପ୍ୟୁଟର ଶିକ୍ଷା ପାଇଁ ଆସିଲି, ଦିନେ ସନ୍ଧ୍ୟାରେ ବାପା ଫୋନକଲେ ତୁ ଘରକୁ ଟିକେ ଆସେ । ରାତି ହୋଇଯିବାରୁ ପୁରୀରୁ କେନ୍ଦୁଝର କେମିତି ଯିବି ଭାବି ମୁଁ ଶୋଇପଡ଼ିଛି । ମୋ ଫୋନକୁ କେହି ଚୋରାଇ ନେଲା। ସକାଳୁ ଯୋଗକୁ ମୋବାଇଲ ସହିତ ଜଣେ ସାଙ୍ଗ ଯୋଗାଡ଼ ହୋଇଗଲା । ତା'ପରେ ଭୁବନେଶ୍ୱର ଆସି ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ପହଞ୍ଚିଥାଏ । ଘରୁ ହଠାତ ଫୋନ ଆସିଲା, ମୁଁ ଶୁଣୁଥିଲି ଭାଇ ବାପା..ବାପା ..ବୋଲି କାନ୍ଦୁଥିଲା। ସେ କାନ୍ଦ ଶୁଣି ସେଠାରେ ମୁଁ ଅଚେତା ହୋଇପଡ଼ିଲି। ଅନ୍ୟ ସାଙ୍ଗମାନେ ମତେ ବସ୍‌ରେ ବସାଇ ଗାଁରେ ପହଞ୍ଚାଇଥିଲେ। ଘରେ ପହଞ୍ଚିବା ପୂର୍ବରୁ ବାପାଙ୍କର ଗାଁ ମଶାଣିରେ ସତ୍କାର ସରିଥିଲା। ବାପାଙ୍କୁ କେତେ ଡାକିଲି ହେଲେ ଶୁଣିଲେନି । ମତେ ଲାଗିଲା ମୋ ସାରା ଶରୀର ଦିବ୍ୟାଙ୍ଗ ହୋଇଯାଇଛି। ଗୋଡ଼ ହରାଇଲା ପରେ ଜାତୀୟସ୍ତରରେ ଭଲିବଲ ଖେଳିଛି। ୩ମାସରେ ୩ଟି ଗୋଲ୍‌ଡ ମେଡାଲ ଓ ରୌପ୍ୟ ପଦକ ମିଳିଛି। ଏହାବ୍ୟତୀତ ପରିବାର ଭାର ମୁଣ୍ଡାଇ ଚାଲିଛି। ପୂର୍ବରୁ ବାପା ଲୋନ୍ କରିଥିବା ବ୍ୟାଙ୍କ ଓ ଚାଷୀଋଣ ଶୁଝୁଛି। ଏବେ ଯୋଡ଼ା ମ୍ୟୁନିସିପାଲିଟିରେ ଏକ ଏଜେନ୍ସି ଜରିଆରେ ଡାଟାଏଣ୍ଟ୍ରି କାର୍ଯ୍ୟ କରୁଛି ।



କଳ୍ପନା

ଜୟନ୍ତୀ

-ବନବିହାରୀ ବେହେରା
କିଶୋର ମହାପାତ୍ର

# ଟ୍ରେଣ୍ଡି ସମର୍ ଆଉଟ୍‌ଫିଟ୍





**ଖରାଦିନେ କେଉଁ ଆଉଟ୍‌ଫିଟ୍ ପିନ୍ଧିଲେ କମ୍ଫଟେବଲ ଲାଗିବା ସହ ଟ୍ରେଣ୍ଡି ଲୁକ୍ ମିଳିପାରିବ ତାହାକୁ ନେଇ ଅନେକେ ଦ୍ୱନ୍ଦରେ ଥାନ୍ତି। ତେଣୁ ଏଠାରେ ସେମିତି କିଛି ଟ୍ରେଣ୍ଡି ସମର୍ ଆଉଟ୍‌ଫିଟ୍ ସମ୍ପର୍କରେ ଉଲେଖ କରାଗଲା ; ଯାହାକୁ ପିନ୍ଧି ପରଫେକ୍ଟ ସମର୍ ଲୁକ୍ ପାଇହେବ...**

**⁕ କଟନ୍ ଫ୍ରକ୍:** ଖରାଦିନେ କମ୍ଫଟେବଲ ସହ ଫ୍ୟାଶନେବଲ ଲୁକ୍ ଦିଏ କଟନ୍ ଫ୍ରକ। ଖାସକରି ନି ଲେଙ୍ଗ୍‌ଥ ଫ୍ରକ ଖରାଦିନେ ଅଧିକ ଆକର୍ଷଣୀୟ ଲାଗେ। ତା'ଛଡା ଲାଇଟ୍ ସେଡ୍‌ର ଫ୍ଲୋରାଲ ପ୍ରିଣ୍ଟ ବାଲା କଟନ୍ ଫ୍ରକ୍ ସମର୍‌ରେ ପିସ୍‌ଫୁଲ୍ ଲୁକ୍ ଦେବା ସହ ସାମ୍ନା ଲୋକଙ୍କୁ ବି ଆକର୍ଷିତ କରିଥାଏ।

**⁕ କଟନ୍ ଶାର୍ଟ ଓ ଫର୍ମାଲ ପ୍ୟାଣ୍ଟ:** ଖରାଦିନେ ପରଫେକ୍ଟ ଅଫିସିଆଲ୍ ଲୁକ୍ ପାଇଁ ଏହି ଆଉଟ୍‌ଫିଟ୍ ବେଷ୍ଟ ହୋଇଥାଏ। ଏହା ପିନ୍ଧିବାକୁ ଯେମିତି କମ୍ଫଟେବଲ ସେମିତି ସୋବର୍ ଲୁକ୍ ବି ଦିଏ। ଟିକେ ଡିଫରେଣ୍ଟ ଲୁକ୍ ପାଇଁ ଫର୍ମାଲ ପ୍ୟାଣ୍ଟ ସହିତ ଫର୍ମାଲ କୁର୍ତ୍ତି ବି ଆପଣ ଟ୍ରାଏ କରିପାରିବେ। ବିଶେଷକରି ଏହି ଗେଟ୍‌ଅପ୍ ସାଙ୍ଗକୁ ପେନ୍‌ସିଲ୍ ହିଲ୍ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ। କାରଣ ଏହାକୁ ଭର୍ସାଟାଇଲ୍ ଆଉଟ୍‌ଫିଟ୍ ଭାବେ ଗଣାଯାଇଥାଏ।





**⁕ ଲଙ୍ଗ୍ କୁର୍ତ୍ତି ଓ ପ୍ଲାଜୋ:** ଖରାଦିନେ କଟନ୍‌ର ଲଙ୍ଗ୍ କୁର୍ତ୍ତି ସହିତ ପ୍ଲାଜୋ ହେଉ ଅଥବା ଭଲ କ୍ୱାଲିଟିର ଲେଗିଙ୍ଗ୍ସ ଟ୍ରାଏ କଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଦେଖାଯିବା ସହ କମ୍ଫଟେବଲ ଲାଗିଥାଏ। ସେହିପରି କୁର୍ତ୍ତି ସାଙ୍ଗକୁ ଘେରବାଲା ଲଙ୍ଗ୍ ସ୍କର୍ଟ ବି ଖରାଦିନେ କ୍ଲାସି ଲୁକ୍ ଦେଇଥାଏ।

**⁕ ପାଜାମା ଓ ପ୍ଲେନ୍ ଟି ଶାର୍ଟ:** ଖରାଦିନେ କୁଆଡ଼େ ଟ୍ରାଭେଲ୍ କରିବାର ଥିଲେ ଏହି ଗେଟ୍‌ଅପ୍‌କୁ ଟ୍ରାଏ କରିପାରିବେ। କାରଣ ଏହା କମ୍ଫଟେବଲ୍ ଲାଗିବା ସହ କୁଲ୍ ଲୁକ୍ ଦେଇଥାଏ।

**⁕ କଟନ୍ ମ୍ୟାକ୍ସି ଡ୍ରେସ୍:** ଏହା ଏମିତି ଏକ ଆଉଟ୍‌ଫିଟ୍ ; ଯାହା ସମସ୍ତଙ୍କୁ ବେଶ୍ ସୁଟ୍ କରିଥାଏ। ବିଶେଷକରି ଖରାଦିନେ ଟିକେ ଢିଲା କଟନ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧିଲେ କମ୍ଫଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ସବୁଠୁ ବଡ଼ କଥା ହେଉଛି ଏହି ଆଉଟ୍‌ଫିଟ୍‌କୁ ପିନ୍ଧି ଅଫିସ୍ ହେଉ କି ଆଉଟିଂ ସବୁଠିକୁ ଆରାମରେ ଯାଇହେବ।

## କିଛି ଟିପ୍ସ

⁕ ଖରାଦିନେ ଫ୍ୟାଶନେବଲ୍ ଲୁକ୍ ପାଇଁ ଯେତେ ଲାଇଟ୍ ୱେଟ୍ ଫାବ୍ରିକ୍‌ର ଆଉଟ୍‌ଫିଟ୍ ପିନ୍ଧିବେ ସେତେ ଭଲ। ଯେମିତିକି କଟନ୍, ସିଫନ୍, ଜର୍ଜେଟ୍, ପିୟୋର୍ ସିଲ୍କ ଇତ୍ୟାଦି।

⁕ କିନ୍ତୁ ଅନେକେ ଖରାଦିନେ କଟନ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ବେଶୀ ପସନ୍ଦ କରିଥାନ୍ତି। କାରଣ କଟନ୍ କପଡ଼ା ଗରମରୁ ରକ୍ଷା କରିବା ସହ ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ।

⁕ ଆଉ ସବୁଠୁ ବଡ଼ କଥା ହେଉଛି କଟନ୍ କପଡ଼ା ଖରାଦିନେ ବାହାରୁଥିବା ଝାଳକୁ ଶୀଘ୍ର ଶୁଖାଇବାରେ ସାହାଯ୍ୟ କରିଥାଏ।






# କବିତା ମୋ ପ୍ରଥମ ପ୍ରେମିକା



ସ୍କୁଲ ବୟସରୁ ହିଁ ତାଙ୍କର ରହିଛି ସାହିତ୍ୟ ସାଧନାରେ ରୁଚି । ଦୀର୍ଘ ୪ଦଶନ୍ଧି ଧରି  ତାଙ୍କ କଲମ ମୁନରେ ସେ ଫୁଟେଇଛନ୍ତି ଅଜସ୍ର ଗୀତ , କବିତା । ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ, ଆଲବମ୍, ଦୂରଦର୍ଶନ ଓ ଆକାଶବାଣୀ ଆଦିରେ ତାଙ୍କ ରଚିତ  ଗୀତର ରହିଛି ସ୍ୱାତନ୍ତ୍ର୍ୟ । କବିତା ଓ  ଗୀତିକବିତାକୁ ନେଇ ତାଙ୍କର ସାହିତ୍ୟ ଦୁନିଆ । ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର । ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର  । ସେ ହେଲେ ଗୀତିକାର **ମୋହିତ ଚକ୍ରବର୍ତ୍ତୀ** । ମା’ ତାରାରାଣୀ, ପିତା ଭୁବନମୋହନ ଚକ୍ରବର୍ତ୍ତୀ । ଘର ଜଗତ୍‌ସିଂହପୁର ଜିଲାର ରଘୁନାଥପୁର ଗ୍ରାମପଞ୍ଚାୟତ ଅଧୀନ  ଗୋପାଳପୁରରେ  । ସେ କୁହନ୍ତି, ‘ଆମର ଏକ କଳା ସଂସ୍କୃତିସମ୍ପନ୍ନ ପରିବାର । ପିଲାଟିଦିନରୁ  ମୁଁ କବିତା ଓ ଗପ ଲେଖେ । କିନ୍ତୁ ବାପା ରେଲଓ୍ୱେରେ ଚାକିରି କରିଥିବା ଯୋଗୁ ସେତେବେଳେ ସେ ଯେଉଁ ଅଞ୍ଚଳରେ ରହୁଥିଲେ ସେଠାରେ ମୋର ପାଠପଢ଼ା ହୋଇଥିଲା । ବିଶେଷକରି ଓଡ଼ିଶା ବାହାରେ ରହି ପାଠପଢୁଥିଲି । ଯେତେବେଳେ ଓଡ଼ିଶା ଆସି ଗାଁରେ ରହିଲି, ସେହି ସମୟରେ ରଘୁନାଥପୁର ହାଇସ୍କୁଲରେ ୧୦ମ ପାସ୍ କଲି ।  ଏହାପରେ ରେଭେନ୍ସା କଲେଜରେ ପାଠପଢ଼ା ହେଲା । ଓଡ଼ିଆରେ ଏମ୍‌ଏ ସାରିଲି । ରେଭେନ୍ସାରେ ପଢିଲାବେଳେ  ସାହତ୍ୟ ଓ ନାଟ୍ୟ କ୍ଷେତ୍ରପ୍ରତି ଅଧିକ ଆଗ୍ରହୀ ହୋଇଥିଲି । ସେତେବେଳେ ମୁଁ ରେଭେନ୍ସା କଲେଜରେ ନାଟ୍ୟ ସଂଯୋଜକ ରହିଥିବା ବେଳେ ଏକ ପତ୍ରିକା ସମ୍ପାଦନା କରିଥିଲି । ଏହି ସମୟରେ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ସହିତ ଭେଟ ହେଲା । ତାଙ୍କଠାରୁ ପ୍ରେରଣା ପାଇ ସିନେମା  ଜଗତ ସହିତ  ଯୋଡ଼ି ହୋଇଗଲି । ଯାହା ମତେ ଗୀତିକାର ଭାବେ ଆଉ ଏକ ପରିଚୟ ଦେଲା । ଯେତେବେଳେ ଫରେଷ୍ଟ ବିଭାଗରେ ଚାକିରି କଲି ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ  ବୁଲିଲି । ସେହି ସମୟରେ ବିଭିନ୍ନ ଅନୁଭୂତିକୁ ନେଇ କବତା ଲେଖୁଥିଲି । ସେହି ସମୟରେ  ବିଦ୍ରୋହ, ବିପ୍ଳବର କଥା ମୋତେ ବେଶି ପ୍ରଭାବିତ କରିଥିଲା । ମୋ ଲେଖିଥିବା  କବିତାରେ ସାଧାରଣ ଲୋକଙ୍କ  ଜନଜୀବନର  ସ୍ୱର ଅଧିକ ଶାଣିତ ହୋଇଛି । ତିନୋଟି ଦୃଶ୍ୟ କବିତା ପାଇଁ ମୋତେ  କବି ରମାକାନ୍ତ ରଥ ତାଙ୍କ ଘରକୁ ଡକାଇ ବଧେଇ ଜଣାଇଥିଲେ  । ଯାହା ମତେ ବହୁତ ଉତ୍ସାହିତ କରିଥିଲା । ଚାକିରି କାଳ ମଧ୍ୟରେ ମୋର ସାହିତ୍ୟ ସାଧନା ଯେମିତି ଥିଲା ତାହା ଅବସର ନେଲାପରେ ଅଧିକ ଆଗକୁ ଯାଇଛି । ମୁଁ ‘ଅରୁନ୍ଧତୀର ଆକାଶ’, ‘ଲିରିକ ବହି’, ‘ପାଣ୍ଠି ଦେବତା’, ‘ନାସ୍ତିକର ଠାକୁର’ ସହ ଶତାଧିକ ଓଡ଼ିଆ ଚଳଚ୍ଚିତ୍ର ଗୀତ ରଚନା କରିଛି । ୨ଟି ବଙ୍ଗଳା ସିନେମାରେ ଗୀତ ଲେଖିଛି । ସେହିପର ଆଲବମ୍, ଯାତ୍ରା, ଟେଲିଫିଲ୍ମ, ସିରିଏଲ, ଆକାଶବାଣୀ ଓ ଦୂରଦର୍ଶନ  ଆଦିରେ ବହୁସଂଖ୍ୟକ ଗୀତ  ରଚନା କରିସାରିଛି । ‘କେବେ ତମେ



**ଦୀର୍ଘ ୪ଦଶନ୍ଧି ଧରି  ତାଙ୍କ କଲମ ମୁନରେ ସେ ଫୁଟେଇଛନ୍ତି ଅଜସ୍ର ଗୀତ , କବିତା। ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ, ଆଲବମ୍, ଦୂରଦର୍ଶନ ଓ ଆକାଶବାଣୀ ଆଦିରେ ତାଙ୍କ ରଚିତ  ଗୀତର ରହିଛି ସ୍ୱାତନ୍ତ୍ର୍ୟ ...**




ନାହଁ କେବେ ମୁଁ ନାହିଁ’, ‘ପାଇଛି ଭଲ ତୋତେ ମୁଁ  ମୋ ନିଜଠୁ’– ଲୋଫର ଫିଲ୍ମ, ‘ବେଳେବେଳେ ଜୀବନ ବି ବଦଳାଏ ବାଟ’,–ଫିଲ୍ମ ମୋଷ୍ଟ ୱାଣ୍ଟେଡ, ‘ଆସିଲୁ ଯଦି ଜୀବନେ’–ଗାର୍ଲଫ୍ରେଣ୍ଡ, ‘ଦରିଆ ପାଇଗଲା ନଈକି’– ସାର୍ଥକ ମ୍ୟୁଜିକ । ‘ଟିକି ମିକି ତାରା କି’–ଫିଲ୍ମ– ଆକାଶେ କି ରଙ୍ଗ ଲାଗିଲା ଆଦି । ଆମର ଏକ ସଙ୍ଗୀତ କଳାସଂସ୍କୃତି ପରିବାର । ମୋର ଏକମାତ୍ର ଝିଅ ଅନ୍ତରା ଚକ୍ରବର୍ତ୍ତୀ ଏବେ ଓଡ଼ିଶାର ଜଣେ ଜଣାଶୁଣା କଣ୍ଠଶିଳ୍ପୀ । ମୋ ପତ୍ନୀ ଅରୁନ୍ଧତୀ ମୋତେ ଗୀତ ରଚନାରେ ଉତ୍ସାହିତ କରିଥାନ୍ତି । ମୋ ପ୍ରତିଭା ପାଇଁ ବିଭିନ୍ନ  ଅନୁଷ୍ଠାନରୁ ପୁରସ୍କୃତ ହୋଇଛି । ଶ୍ରେଷ୍ଠ ଗୀତିକାର ଭାବେ–ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୧୮ ସୃଜନ କବିତା ସମ୍ମାନ, ୨୦୦୯ରେ ପ୍ରସାର ଭାରତୀ ଜାତୀୟ ସଂହତି ପୁରସ୍କାର, ଜୀବନରଙ୍ଗ ସାହିତ୍ୟ ପୁରସ୍କାର, ବମ୍ବେ ଲେଖିକା ସଂଘ ତରଫରୁ ଶ୍ରେଷ୍ଠ ଗୀତିକାର, ସାଳନ୍ଦୀ ସାହିତ୍ୟ ସଙ୍ଗମ ସମ୍ମାନ ଭଦ୍ରକ, ସିନେ ତରଙ୍ଗ ଆୱାର୍ଡ, ଅନ୍ୟ ଏକ ବୈତରଣୀ ସାହିତ୍ୟ ସମ୍ମାନ, ସାଧନା ସାହିତ୍ୟ ସମ୍ମାନ, କଳାକ୍ଷେତ୍ର ରତ୍ନ ସମ୍ମାନ, ପ୍ରବାସୀ ଦିଲ୍ଲୀ ସାହିତ୍ୟ ସଗଠନ ପ୍ରଗତି ସମ୍ମାନ, ରବୀନ୍ଦ୍ର ବିଶ୍ୱ ଭାରତୀ  ବିଶ୍ୱବିଦ୍ୟାଳୟ ସମ୍ମାନ ଆଦି ଶତାଧିକ ସମ୍ମାନ ମିଳିସାରିଛି । ଥରେ ଏମିତି ଗୋଟିଏ ଘଟଣା ଘଟିଥିଲା ଯାହା ମୁଁ ଏଯାଏ ଭୁଲି ନାହିଁ । ସଙ୍ଗିତ ନିର୍ଦ୍ଦେଶକ ବିକାଶ ଦାସ ଏବଂ ମୁଁ ଜଣେ ବନ୍ଧୁଙ୍କର ଝିଅ ବିବାହ ଉତ୍ସବରେ ଯୋଗ ଦେବାକୁ ବାଲେଶ୍ୱରର ସୋରକୁ ଯାଉଥିଲୁ । ସେହି ଅଞ୍ଚଳକୁ ଯିବାବେଳେ ବାଟରେ ଏକ ରେଲ୍‌ୱେ ଲେଭଲ କ୍ରସିଂ ପଡ଼ିଲା । ରାସ୍ତା କଡ଼ରେ କାର୍ ରଖି କିଛି ସମୟ ସେଠାରେ ଅଟକିଲୁ । ସେତେବେଳେ ମୋର ନଜର ପଡ଼ିଲା ଜଣେ ଯୁବକ କାନ୍ଦୁଛନ୍ତି  । ତାଙ୍କ ପାଖକୁ ଯାଇ ତାଙ୍କଠାରୁ ଘଟଣା ବିଷୟରେ ଜାଣିଲୁ । ପରେ ତାଙ୍କୁ ବୁଝାଶୁଝାକରି ଆମ ସାଥିରେ ସେହି ବିବାହ ଉତ୍ସବକୁ ଭୋଜି ଖାଇବାକୁ ଡାକି ନେଇଥିଲୁ ।  ମାତ୍ର ସେଠାରେ ଜାଣିପାରିଲୁ ଯେଉଁ ଝିଅର ବିବାହ ଉତ୍ସବକୁ ଆମେ ଯାଉଥିଲୁ ସେଇ ଝିଅକୁ ସେଇ ଯୁବକ କୁଆଡ଼େ ଭଲ ପାଉଥିଲେ । ସେଦିନ  ଝିଅଟି ଏହି ଯୁବକଙ୍କୁ ଭୁଲି ଯିବାରୁ ସେ ଯୁବକ ରେଳଲାଇନରେ ଆତ୍ମହତ୍ୟା କରିବା ପାଇଁ ପ୍ରସ୍ତୁତ ହେଉଥିଲେ । କିଛି ଅଘଟଣ ଘଟିବା ପୂର୍ବରୁ ତାଙ୍କୁ ଉଦ୍ଧାର କରିଥିଲୁ  । ଏଥିପାଇଁ ସେଦିନ ନିଜେ ନିଜକୁ ଧନ୍ୟବାଦ ଦେଇଥିଲି । ଆଉ ସେଇ ଘଟଣାକୁ ନେଇ – ଦରିଆ ପାଇଗଲା ନଈକୁ, ଜହ୍ନ ବି ପାଇଗଲା କଇଁକୁ, ତୁ ମତେ ପାଇଲୁନି ମୁଁ ତତେ ପାଇଲିନି କାହିଁକି, କାହିଁକି ଗୀତଟି ଲେଖିଥିଲି ଯାହା ବହୁଳ ଲୋକପ୍ରିୟତା ହାସଲ କରିସାରିଛି । ମତେ ମୋ କାମ ବିଷୟରେ ଯଦି ପଚରାଯିବ ତା’ହେଲେ ଗୀତିକବିତା ନୁହେଁ ବରଂ କବିତା ହିଁ ମୋର ପ୍ରଥମ ପ୍ରେମିକା ବୋଲି କହିବି ।

–ବନବିହାରୀ







# ଚିଠି

**-ଲତିକା ମହାପାତ୍ର**

ଭୁଲ ଠିକଣାରେ କେବେ
ପହଞ୍ଚେନା ଚିଠି।

ଚିରି ଯାଏ କିଛି
ପଡ଼ି ରହେ କିଛି
ଡାଏରୀ ଭିତରେ

କିଛି ଚୋରି ହୁଏ
ଆଉ କିଛି ଚିଠିରେ
ଡେଣା ଲାଗିଯାଏ ।

ଠିକଣା ଅଜଣା ଜାଣି ବି
ଅବୁଝା ସେ
ବାରମ୍ବାର ଲେଖୁଥାଏ ଚିଠି।
ତାକୁ କେହି ପଢୁ ବା ନପଢୁ
ଅବା ମୁଦା ଲଫାପାରେ
ଫେରି ଆସୁଥାଉ !

ଚିଠି କିନ୍ତୁ ଲେଖା ହୁଏ
ତା'ର ଅର୍ଜିତ ଭାଗ୍ୟରେ
ଅଦୃଶ୍ୟର ଇଙ୍ଗିତରେ
ଆବେଗର କାଳିରେ
ଜୀବନର ପ୍ରତିଟି ମୋଡ଼ରେ ।

-ତାଳଚେର, ମୋ:୯୮୬୧୩୮୫୫୩୯


# ଅପହଞ୍ଚ


**-ନିହାରୀକା ରଥ**


ମୁଁ ରାତିକୁ ସ୍ୱପ୍ନଟିଏ ଦେଲି
ଓଠ ପାଇଁ ଖଞ୍ଜିଲି କିଛି ଶବ୍ଦ
ଆଖିରେ ମାଖିଲି ପ୍ରତୀକ୍ଷା
ପ୍ରେମକୁ ସଂଜୀବନି ଦେଲି ।

ସେ ସମସ୍ତେ ମୋର ହେବେ କହି
ମୋତେ ଧରା ଛୁଆଁ ଦେଲେନି ।

-ରସୁଲପୁର, ଯାଜପୁର,
ମୋ:୯୮୬୧୧୦୭୭୮୦







# ମରୁପଥ ଓ ଓଏସିସ୍

**-ଲକ୍ଷ୍ମଣ କୁମାର**

ଗୋଟେ ଖରାବେଳ। ଅପ୍ରତ୍ୟାଶିତ ମୁଁ ପହଞ୍ଚିଯାଇଥିଲି ତା' ଘର ସାମ୍ନାରେ। କଲିଂ ବେଲ ଦେଲି। ଅଳ୍ପ ସମୟ ପରେ ସେ ହିଁ ଆସି କବାଟ ଖୋଲିଲା ଓ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା।

ଆରେ... ତୁମେ... ଆସ..., ଭିତରକୁ ଆସ...। ହାଲକା ନୀଳ କଇଁର ଡ୍ରେସଟିଏ ସେ ପିନ୍ଧିଥାଏ ଓ ପ୍ରଚୁର ଖରା ଭିତରେ ଖୁବ୍ ଉଜ୍ଜ୍ୱଳ ଓ ସତେଜ ଲାଗୁଥାଏ- ଯେମିତି ପେଣ୍ଟାଲ କାଗଜ ଫୁଲ। ସେ ମୋତେ ଘର ଭିତରକୁ ନେଇଗଲା। ମୁଁ ବସିପଡ଼ିଲି ଡ୍ରଇଂରୁମର ସୋଫାରେ। ସାରା ଘରଟାରେ ନିର୍ଜନତାର ନିର୍ଜନତା। କିଛି ସମୟ ପରେ ଗୋଟେ କାଚ ଗ୍ଲାସରେ ପାଣି ନେଇକି ଆସିଲା। ମୋ ପାଇଁ ଓ ମୋ ହାତକୁ ପାଣି ବଢ଼ାଇ ଦେଉ ଦେଉ କହିଲା – ବାପା, ମା ଗାଁକୁ ଯାଇଛନ୍ତି। ଆଜି ସଞ୍ଜ ସୁଦ୍ଧା ଫେରିଆସିବେ। ସାନ ଭାଇ ତା'ର ଚାକିରି ଜାଗାରେ ।

ଆଜି ତୁମେ ଏକୁଟିଆ।

ଏକୁଟିଆ କେମିତି ? ତୁମେ ଅଛ ଯେ,....।

ମୁଁ ତ ଅଳ୍ପ ସମୟର ଅତିଥି....।

ସେ ଚାହିଲା ମୋ ଆଡ଼କୁ ଗୋଟେ ମଧୁର ଦୃଷ୍ଟିରେ ଓ କହିଲା, ରୁହ, ତୁମ ପାଇଁ ଚା' ନେଇଆସେ। ସେ କିଚେନ ଆଡ଼କୁ ଗଲାବେଳେ ତା ପାଇଁ ........... ସତେ ଅବା ସଂଗୀତରେ ଏକ କୋରସ ପାଲଟି ଫେଣ୍ଟି ହୋଇଗଲା ପବନରେ ଓ ଝରକାର ରେଲିଂ ଫାଙ୍କ ଦେଇ ବାହାରର ନିର୍ମମ ଖରା ଓ କୃଷ୍ଣଚୂଡ଼ାର ହସ ଭିତରେ କେଉଁଠି ହଜିଗଲା।

ସେ ଚା' ନେଇ ଆସିଲାବେଳକୁ ମୁଁ ଡ୍ରଇଂ ରୁମ କାନ୍ଥର ଏକ ଚିତ୍ର ଭିତରେ ହଜିଯାଇଥିଲି। ସେ ଜାଣିଲା ଯେ ଯେତେ ଖରା ହେଲେ ବି ଚା' ମୋର ପ୍ରଥମ ପସନ୍ଦ। ଚା' ସହ କିଛି ଅଙ୍ଗୁର ଓ ବିସ୍କୁଟ ଗୋଟେ ପ୍ଲେଟରେ ସେ ନେଇ ଆସିଲା।

: ତୁମେ ତା ହେଲେ ମୋର ପସନ୍ଦ ଅପସନ୍ଦ ସବୁ ଜାଣ।

: ଆରେ ବାବା, ସେତକ ତ ଜାଣିବାକୁ ପଡ଼ିବ। ନ ହେଲେ ତୁମର ସବୁ ପ୍ରକାର ଯତ୍ନ ମୁଁ ନେଇପାରିବି ବୋଲି ତୁମର କେମିତି ହୃଦବୋଧ ହେବ। କିନ୍ତୁ ତୁମେ ତ ମୋର ପସନ୍ଦ ଅପସନ୍ଦ କିଛି ଜାଣନା। କି ଜାଣିବାକୁ ଚେଷ୍ଟା କରନା। ସେ ଅଭିମାନ କଲା। ଆହୁରୀ କହିଲା- ମୁଁ ତୁମକୁ ଯେତେ ଭଲ ପାଏ, ତୁମେ ମୋତେ ସେତେ ଭଲପାଅନି।

: କିଏ କେତେ ଭଲ ପାଏ- ଏ ସବୁକୁ କ'ଣ ମପାଯାଇପାରେ ? ମୁଁ ଉତ୍ତର ଦେଲି !

: ନିଶ୍ଚୟ, ତେବେ ମୋ ଭଲ ପାଇବା ସମୁଦ୍ର ପରି।

: ଠିକ୍ ଅଛି। ତେବେ ତୁମ ସମୁଦ୍ର ତଳେ ମୋ ହୃଦୟ ହେଉଛି ଏକ ସିସ୍‌ମୋଗ୍ରାଫ- ଯାହା ତୁମ ହୃଦୟର କମ୍ପନକୁ ମାପିପାରିବ।

: ଆଚ୍ଛା, କହିଲ, ଖରାବେଳ ସହ ତୁମର ସମ୍ପର୍କ କ'ଣ ? କାରଣ ପ୍ରାୟତଃ ଖରାବେଳେ ତୁମେ ମୋ ପାଖକୁ ଆସ।

ମୁଁ ହସିଲି ତା' କଥାରେ। ସେତେବେଳେ ଡ୍ରଇଂରୁମ୍‌ରେ ଥିବା ସେ ଚିତ୍ରଟିକୁ ମୁଁ ଦେଖୁଥାଏ। ଯେଉଁଠି ମରୁଭୂମିରେ ଓଟ ପିଠିରେ ବସି ଲୋକଟେ ଯାତ୍ରା କରୁଥାଏ ଟାଣ ଖରାରେ।

: ସେ ଚିତ୍ରଟିକୁ ଦେଖ। ମୁଁ କହିଲି। ମରୁଭୂମିରେ ଯାତ୍ରା କରୁଥିବା ସେ ଲୋକଟି ହେଉଛି ମୁଁ। ଯିଏ ଓଏସିସ୍‌ର ସନ୍ଧାନ କରୁଥାଏ। ଆଉ ତୁମେ ହିଁ ହେଉଛ ଓଏସିସ୍। ପାନ୍ଥଶାଳାଟିଏ ମୋର ପଥଚାରୀ ଜୀବନରେ। ତୁମ ପାଖରେ ପହଞ୍ଚିଗଲେ ମୋତେ ଲାଗେ ମୋର ଚାରିଆଡ଼େ କେବଳ ଜହ୍ନରାତି ଇ ଜହ୍ନରାତି। ତୁମେ ମେଘୁ ଝରଣା, ସ୍ୱପ୍ନସଞ୍ଜ, ମୃଦୁ ପବନ ଅଥବା ଜହ୍ନରାତି- ଏମିତି କିଛି ମୋ ପାଇଁ।

ସେ କେବଳ ବିସ୍ମିତ ଆଖିରେ ମୋତେ ଚାହିଁ ରହିଥିଲା। ତା'ର ଆଖି ଦୁଇଟି ପାଲଟୁଥିଲା ଆଶାବରି ମେଘ, ଯେଉଁଠି ନିଭି ଯାଉଥିଲା ମୋର ଅୟୁତ ସାହାରାର ଶୋଷ।

*-ଦିଗବଳୟ*
*ଲେଣ୍ଡା, ବରପାଲି, ବରଗଡ଼*
*ମୋ: ୯୪୩୯୦୪୦୯୩୭*





କାହ୍ନବୀ

# ଜାହ୍ନବୀଙ୍କ ଗୁରୁ

**ଜା**ହ୍ନବୀ କପୁର ଏବେ ଯୁଆଡେ ଯାଉଛନ୍ତି ଜଣଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି । ସେ କିଏ ଜାଣନ୍ତି ? ପ୍ରିୟଙ୍କା ଚୋପ୍ରା । ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ । ଏ ନେଇ ଜାହ୍ନବୀ କହନ୍ତି, 'ଜଣେ ଅଭିନେତ୍ରୀଙ୍କ ଆକ୍ଟିଂରେ ମୁଁ ବେଶି ଇମ୍ପ୍ରେଶ ହୋଇଥାଏ । ତାଙ୍କୁ ଫଲୋ କରି ହିଁ ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି । ସେ ହେଲେ ପ୍ରିୟଙ୍କା ଚୋପ୍ରା । ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି ଆଉ ତାଙ୍କ ଅଭିନୟରୁ ଅନେକ କିଛି ଶିଖିଛି । ମୋ କ୍ୟାରିୟର ଆରମ୍ଭରେ ଥରେ ତାଙ୍କ ସହ ଭେଟ ହୋଇଥିଲା । ସେତେବେଳେ ସେ ମୋତେ ଆକ୍ଟିଂ ନେଇ କିଛି ଟିପ୍ସ ଦେଇଥିଲେ । ସେହି ଟିପ୍ସଗୁଡିକ ବିଷୟରେ ଭଲ ଭାବରେ ଚିନ୍ତା କରି ତାହାକୁ ମୋ କ୍ୟାରିୟର ପାଇଁ ଉପଯୋଗ କରିଥିଲି ଆଉ ତାହା ମୋତେ ବେଶ୍ ମାଇଲେଜ ଦେଇଛି ବୋଲି ନିଶ୍ଚୟ କହିବି । ଏବେ ମଧ୍ୟ ମୋ ମନରେ ଆକ୍ଟିଂ ବିଷୟରେ କିଛି ପ୍ରଶ୍ନ ସୃଷ୍ଟି ହେଲେ ମୁଁ ତାଙ୍କ ସହ କଥା ହୋଇଥାଏ ।' ଜାହ୍ନବୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଧଡକ' (୨୦୧୮) । ଗତ ଛଅ ବର୍ଷ ମଧ୍ୟରେ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି– 'ଗୁଞ୍ଜନ ସକ୍‌ସେନା : ଦ କାରଗିଲ ଗର୍ଲ', 'ରୁହି', 'ମିଲି' ଏବଂ 'ବୱାଲ' ।

# ଅପେକ୍ଷା ଶୁଭ ଦିନକୁ

**ବେ**ଶ୍ କିଛି ବର୍ଷ ପୂର୍ବେ ଓଡ଼ିଆ ସିନେମା 'ଉଦଣ୍ଡୀ ସୀତା' ହିଟ୍ ସାବ୍ୟସ୍ତ ହୋଇଥିଲା । ହେଲେ ଏବେ ସେହି ଟାଇଟଲକୁ ନେଇ ନିର୍ମିତ ହୋଇଛି ଆଉ ଏକ ଓଡ଼ିଆ ସିନେମା । ଏହାର କାହାଣୀ ରଚନା ସହ ନର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ତ୍ରିପାଠୀ । ତା'ସହ ସେ ଏହି ଫିଲ୍ମର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି । ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ସମାଜରେ ଅନେକ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ । ସେଭଳି ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି । ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି । ମୋର ବିଶ୍ୱାସ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ । ପୂର୍ବରୁ 'ଉଦଣ୍ଡୀ ସୀତା'ର 'ସୀତାଲୋ ଆଜି ଜଳୁଛି ଯାହାର ଚିତା ଲୋ' ଟ୍ୟାଗ୍ ଲାଇନ୍‌କୁ ନେଇ ଏହି ଫିଲ୍ମରେ ଏକ ଗୀତ କମ୍ପୋଜ କରାଯାଇଛି । ଏଥିରେ ଦେବଯାନୀଙ୍କ ବ୍ୟତୀତ ସମରେଶ ରାଉତରାୟ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଏବଂ ପିଙ୍କି ପ୍ରଧାନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।



ଦେବଯାନୀ

# ଏ ମନ ଖୋଜୁଥାଏ ଯାହା...

**କ**ଥାରେ ଅଛି 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ଦେଖୁନାହାନ୍ତି, ଅର୍ଜୁନ କପୁର ଯାହା ଖୋଜୁଥିଲେ ତାହା କେମିତି ତାଙ୍କୁ ହାତ ପାଆନ୍ତାରେ ମିଳିଯାଇଛି । ଅସଲ କଥା ହେଲା ଅର୍ଜୁନ ଡବଲ ରୋଲ୍‌ରେ ପରଦା ଉପରକୁ ଆସିବାକୁ ଚାହୁଁଥିଲେ । ହେଲେ ସେ ତ ଚାହିଁଲେ ହେବ ନାହିଁ, କେହି ପ୍ରଯୋଜକ ତାଙ୍କୁ ଏ ନେଇ ସୁଯୋଗ ଦେବା ଦରକାର । ଯାହାହେଉ ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମ ପାଇଁ ଅର୍ଜୁନଙ୍କୁ ସାଇନ୍ କରିଛନ୍ତି । କେବଳ ସେତିକି ନୁହେଁ, ଏହି ସିନେମାରେ ତାଙ୍କୁ ଡବଲ ରୋଲରେ ଦର୍ଶକ ଦେଖିବାକୁ ପାଇବେ । ଏ ନେଇ ସେ କହନ୍ତି, 'ଯେତେବେଳେ ସେହି ନୂଆ ପ୍ରଯୋଜକ ମୋତେ ଏଭଳି ରୋଲ୍ ବିଷୟରେ ସୂଚନା ଦେଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା । କାରଣ ଗତ କିଛି ମାସ ହେବ ମୁଁ ଏଭଳି ଏକ ଭୂମିକାଟିଏର ସନ୍ଧାନରେ ଥିଲି । ଯାହାହେଉ ସେ ମୋର ଏହି ଆଶାକୁ ପୂରଣ କରିଛନ୍ତି ।'



ଅର୍ଜୁନ

# ସମୟ ନାହିଁ

**ଦ**ବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ନିକଟରେ ଏବେ ସମୟ ନାହିଁ । ସେ ନିଜ କ୍ୟାରିୟରକୁ ନେଇ ବେଶ୍ ସିରିୟସ । ତେବେ କ'ଣ ପାଇଁ ତାଙ୍କ ନିକଟରେ ସମୟ ନାହିଁ ଜାଣିବେନି ? କଥା କ'ଣ କି ସେ କୁଆଡେ ଖୁବ୍ ଶୀଘ୍ର ଘର ସଂସାର କରିବାକୁ ଯୋଜନା କରୁଛନ୍ତି ବୋଲି ଆଲୋଚନା ହେଉଛି । ଏକଥା ବଲିଉଡ୍‌ରେ ଆଲୋଚନାର ଶିରୋନାମା ପାଲଟିବା ପରେ ତାହା ତାଙ୍କ କାନରେ ପଡିଥିଲା । ଆଉ ଏପରି ବିଷୟ ଶୁଣି ସେ ବହୁତ ଦୁଃଖ ପ୍ରକାଶ କରିଥିଲେ । ସୋନାକ୍ଷୀ କହନ୍ତି, 'ମୋର ଏବେ ମ୍ୟାରେଜ କରିବାର କୌଣସି ଯୋଜନା ନାହିଁ । କାରଣ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି । ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ । କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ । ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି ।' ସୋନାକ୍ଷୀ ଏବେ ନିଜ ଫିଟନେସ୍ ପ୍ରତି ଅଧିକ ସଚେତନ ରହୁଛନ୍ତି । ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି । କାରଣ ଖୁବ୍ ଶୀଘ୍ର ସେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାର ଯୋଜନା ରହିଛି ।



ସୋନାକ୍ଷୀ

# ସନ୍ଧ୍ୟାକୁ ଭୁଲିବେନି ଭୂମି

**ସ**ତରେ ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ କେତେକ କଳାକାରଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ । ଏପରି କି ବାରମ୍ବାର ଅଡିଶନ ଦେବାକୁ ହୋଇଥାଏ । ସେହିପରି ଏକ ଘଟଣାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି ଭୂମି ପେଡ୍‌ନେକର । କଥା କ'ଣ କି ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଦମ୍ ଲଗାକେ ହୈସା'ର ଅଡିଶନ୍‌ରେ ଉତ୍ତୀର୍ଣ୍ଣ ହେବା ପାଇଁ ଭୂମିଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା । ଏହି ଫିଲ୍ମ ଲାଗି ସେ ପାଖାପାଖି ଅଢ଼େଇ ମାସ ଅଡିଶନ୍ ଦେଇଥିଲେ । ଶେଷରେ ୧୦୦ରୁ ଉର୍ଦ୍ଧ୍ୱ ଥର ଅଡିସନ୍ ଦେବାପରେ ନିର୍ଦ୍ଦେଶକ ଶରତ କଟ୍ଟାରିୟା ତାଙ୍କୁ ନାୟିକା ଭାବରେ ଚୟନ କରିଥିଲେ । ଏ ନେଇ ସେ କହନ୍ତି, ''ଏହି ଫିଲ୍ମର ସନ୍ଧ୍ୟା ଭୂମିକାରେ ମୁଁ ଅଭିନୟ କରିଥିଲି । ତେବେ ଏହି ଭୂମିକା ପାଇବା ଲାଗି ମୋତେ ୧୦୦ରୁ ଉର୍ଦ୍ଧ୍ୱଥର ଅଡିଶନ ଦେବାକୁ ପଡ଼ିଥିଲା । ଯେତେବେଳେ ମୁଁ ସିଲେକ୍ଟ ହୋଇଛି ବୋଲି ନିର୍ଦ୍ଦେଶକ ମୋତେ ଫୋନ୍ ମାଧ୍ୟମରେ ସୂଚନା ଦେଲେ, ସେତେବେଳେ ସେହି କଥାକୁ ମୁଁ ସହଜରେ ଗ୍ରହଣ କରିପାରି ନ ଥିଲି । ଏହି ଫିଲ୍ମ ପାଇଁ ସେତେବେଳେ ମୋତେ ଓଜନ ବଢାଇବାକୁ ପଡ଼ିଥିଲା । ମାତ୍ର ଛଅ ମାସ ଭିତରେ ମୁଁ ମୋ ଓଜନକୁ ୩୦ କି.ଗ୍ରା. ବଢାଇ ୮୯ କି.ଗ୍ରା. କରିଥିଲି । ଫିଲ୍ମ ଶୁଟିଂ ପରେ ଯଦିଓ ଖୁବ୍ ଶୀଘ୍ର ମୁଁ ମୋ ଓଜନ କମାଇବାରେ ସକ୍ଷମ ହୋଇଥିଲି । ହେଲେ ଏହି ଭୂମିକାକୁ ମୁଁ କେବେ ଭୁଲିପାରିବି ନାହିଁ ।''

# ଟେନସନ୍‌ରେ କରୀନା

**କ**ରୀନା କପୁରଙ୍କ ଟେନ୍‌ସନ ଏବେ ଟିକେ ବଢ଼ିଯାଇଛି । କଥା କ'ଣ କି ତାଙ୍କୁ ଏକ ନୂଆ ବ୍ୟାନରରେ ନିର୍ମିତ ଦୁଇଟି ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଅଫର୍ ମିଳିଛି । ହେଲେ ତାହାକୁ ଗ୍ରହଣ କରିବେ କି ନାହିଁ ସେ ନେଇ ଅଡୁଆରେ ପଡିଛନ୍ତି । ପୁଣି ଭାବୁଛନ୍ତି ଯେ ହୁଏତ ଗୋଟିଏ ସିନେମାରେ ଅଭିନୟ କରିବାକୁ ରାଜି ହେବେ । ତେଣୁ ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ ଆଉ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି । କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଥିଲା । ହେଲେ ଅଡୁଆ ଏଇଥି ପାଇଁ ହୋଇଛି ଯେ ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି । ତେଣୁ କାହାକୁ କେତେବେଳେ ସମୟ ଦେବେ ସେ ନେଇ ଦୋଛକିରେ ପଡିଛନ୍ତି । ଏ ନେଇ କରୀନା କହନ୍ତି, ''ଫିଲ୍ମଦ୍ୱୟର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଛି । ହେଲେ ଏଗୁଡିକର ଶୁଟିଂ ଏକାଥରେ ଆରମ୍ଭ ହେବ । ତେଣୁ ମୁଁ ଅଡୁଆରେ ପଡିଯାଇଛି । ଏହି ଫିଲ୍ମ ଦ୍ୱୟ ମଧ୍ୟରୁ ଗୋଟିଏ ସିମୋରେ ଅଭିନୟ କରିବାକୁ ଚିନ୍ତା କରୁଛି ।''



ଭୂମି

# କେଶ ପାଇଁ ଯୋଗ







**ଆଜିକାଲି ପ୍ରାୟ ସମସ୍ତେ କେଶ ସମସ୍ୟାକୁ ନେଇ ଚିନ୍ତିତ। କାହାର ଅସ୍ୱାଭାବିକ କେଶ ଝଡୁଛି ତ କାହାର ବୟସ ଆଗରୁ କେଶ ପାଚିଯାଉଛି। ପୁଣି କାହାର କେଶ ଶୁଷ୍କ ହେବା ସହ ଦୁଇ ମୁହାଁ ହୋଇଯାଉଛି। କେଶର ଏହିସବୁ ସମସ୍ୟାର ସମାଧାନ ପାଇଁ କିଏ ମହଙ୍ଗା ହେୟାର ପ୍ରଡକ୍ଟ ବ୍ୟବହାର କରୁଛନ୍ତି ତ କିଏ ଘରୋଇ ଉପଚାରର ସହାୟତା ନେଉଛନ୍ତି। ତଥାପି ଆଶାନୁରୂପ ଫଳ ମିଳୁ ନାହିଁ। ତେବେ କିଛି ସମୟ ବାହାର କରି ଯଦି ଏହିସବୁ ଯୋଗାସନ କରିବେ ଦେଖିବେ କେଶର ନାନା ସମସ୍ୟାରୁ ମୁକ୍ତି ମିଳିପାରିବ..**

**ବାଲାୟମ ମୁଦ୍ରା:** ଗୋଟିଏ ହାତର ନଖକୁ ଆର ହାତର ନଖ ସହ ଘଷିବା ହେଉଛି ବାଲାୟମ ମୁଦ୍ରା। ଏହାକୁ କରିବା ବହୁତ ସହଜ। ପ୍ରତିଦିନ ୫-୧୦ ମିନିଟ କଲେ ଦେଖିବେ କେଶ ଝଡ଼ିବା କମିବାକୁ ଲାଗିବ।

**ଶୀର୍ଷାସନ:** ଏହାକୁ କରିବା ଲାଗି ପ୍ରଥମେ ଆଣ୍ଠୋଇକି ବସନ୍ତୁ। ଦୁଇ ହାତ ପାପୁଲିକୁ ମୁଣ୍ଡ ଉପରେ ରଖି ମୁଣ୍ଡକୁ ତଳକୁ ନୁଆଇଁ ଭୂମି ଉପରେ ରଖନ୍ତୁ। ଏବେ ଶରୀରର ସନ୍ତୁଳନ ରକ୍ଷା କରି ଦୁଇ ଗୋଡ଼କୁ ଉପରକୁ ଟେକନ୍ତୁ। ସନ୍ତୁଳନ ରକ୍ଷା କରି ମୁଣ୍ଡରେ ଠିଆ ହେବାକୁ ଚେଷ୍ଟା କରନ୍ତୁ। ଏହି ଆସନ କଲେ ମୁଣ୍ଡକୁ ରକ୍ତ ସଞ୍ଚାଳନ ଭଲରେ ହୁଏ। ଷ୍ଟ୍ରେସ୍ କମେ। ତା'ସହ କେଶ ଭଲ ବଢେ। ଯଦି କେଶ ଝଡୁଛି, କେଶ ନିର୍ଜୀବ ପରି ହେଇଯାଉଛି ଅବା ବୟସ ହେବା ଆଗରୁ କେଶ ପାଚୁଛି ତେବେ ଏହି ଆସନ କରିବା ଜରୁରୀ।

**ଅଧୋମୁଖ ଶ୍ୱାନାସନ:** ଦୁଇ ଗୋଡ଼କୁ କିଛି ଦୂରତା ବ୍ୟବଧାନରେ ପ୍ରସାରିତ କରି ଦୁଇ ହାତକୁ ଉପରକୁ ଟେକନ୍ତୁ। ପରେ ଆଗକୁ ନଇଁ ଦୁଇ ହାତକୁ ଭୂମିରେ ଲଗାନ୍ତୁ। ଏହାପରେ ଦୁଇଗୋଡ଼କୁ କିଛି ପାଦ ପଛକୁ କରନ୍ତୁ। ଏଭଳି ୩୦-୪୦ ସେକେଣ୍ଡ ରହିବେ। କେଶ ଝଡିବା ରୋକିବା ଓ କେଶକୁ ସୁସ୍ଥ କରିବା ପାଇଁ ଏହି ଯୋଗାସନ ବହୁତ ଭଲ।



**ସର୍ବାଙ୍ଗାସନ:** ଏହି ଯୋଗ ସୋଲ୍ଡର ଷ୍ଟାଣ୍ଡ୍ ନାମରେ ବି ପରିଚିତ। ଏହାକୁ କରିବାକୁ ହେଲେ କାନ୍ଥକୁ ଲାଗି ଶୁଅନ୍ତୁ। ଦୁଇ ଗୋଡକୁ ୯୦° କରି ଟେକି କାନ୍ଥକୁ ଲଗାଇ ଉପରକୁ ଟେକନ୍ତୁ। ଏହାପରେ ହିପ୍‌କୁ ଦୁଇ ହାତରେ ଟେକନ୍ତୁ। ସନ୍ତୁଳନ ରଖି ପୂରା ଶରୀରକୁ ନିଜ କାନ୍ଧରେ ଟେକି ଧରନ୍ତୁ। ଏହି ଯୋଗ ଦ୍ୱାରା ମୁଣ୍ଡକୁ ରକ୍ତ ସଞ୍ଚାଳନ ହୁଏ। ଦୈନନ୍ଦିନ ଏହାକୁ କରିବା ଦ୍ୱାରା ଶୁଷ୍କ ଓ ପତଳା କେଶ ସୁସ୍ଥ ହୋଇଥାଏ ଏବଂ କେଶ ଝଡିବା କମେ।

**ଉତ୍ତାନାସନ:** ଦୁଇ ପାଦକୁ ଲଗାଇ ସିଧା ଛିଡ଼ା ହୁଅନ୍ତୁ। ଦୁଇ ବାହୁକୁ ଉପରକ ଟେକନ୍ତୁ। ଦୀର୍ଘ ଶ୍ୱାସ ନିଅନ୍ତୁ ଓ ଆଗକୁ ନୁଅନ୍ତୁ। ଚେଷ୍ଟା କରନ୍ତୁ ହାତରେ ଭୂମିକୁ ସ୍ପର୍ଶ କରିବା ପାଇଁ। ଏହାପରେ ମୁଣ୍ଡକୁ ତଳକୁ କରି ଦୁଇ ହାତରେ ଦୁଇଗୋଡକୁ ଜାବୁଡି ଧରନ୍ତୁ। ୧୫-୩୦ ସେକେଣ୍ଡ ଏହିଭଳି ଅବସ୍ଥାରେ ରୁହନ୍ତୁ। ଉପରକୁ ଉଠିବାବେଳେ ନିଃଶ୍ୱାସ ଛାଡ଼ନ୍ତୁ। ଏହି ଯୋଗାସନ ଦେଖିବାକୁ ସହଜ ଲାଗିପାରେ କିନ୍ତୁ କରିବା କଷ୍ଟ। ଏଥିରେ ପାରଙ୍ଗମ ହେବାକୁ ବହୁତ ଅଭ୍ୟାସ କରିବାକୁ ହେବ। ଏହାକୁ କଲେ ଅକ୍ସିଜେନ ମାତ୍ରା ବଢିବା ସହ ମୁଣ୍ଡକୁ ରକ୍ତ ପ୍ରବାହ ହୁଏ। ଏହାଦ୍ୱାରା ହେୟାର ଫଲିକଲ ଷ୍ଟ୍ରଙ୍ଗ ହୁଏ। ଯଦ୍ୱାରା କେଶ ଘନ, ଲମ୍ବା ଓ ଚମତ୍କାର ହେବ।

**ମତ୍ସ୍ୟାସନ:** ଲମ୍ବା, ସୁସ୍ଥ କେଶ ପାଇଁ ଏହି ଯୋଗ ବି କରିପାରିବେ। ଏହାକୁ କରିବା ବହୁତ ସହଜ। ପ୍ରଥମେ ଲମ୍ବ ହୋଇ ଶୁଅନ୍ତୁ। ତା'ପରେ ଦୁଇ ଗୋଡ଼କୁ ଆଣ୍ଠୁରୁ ଭାଙ୍ଗି ଭିତର ଆଡ଼କୁ ଟାଣନ୍ତୁ। ଅର୍ଥାତ୍ ଚକା ପକାଇ ବସିବାବେଳେ ଗୋଡକୁ ଯେମିତି ରଖାଯାଏ, ଶୋଇକି ସେହିଭଳି ଗୋଡକୁ ରଖନ୍ତୁ। ଦୁଇ ହାତକୁ ଦୁଇ ଜଙ୍ଘ ପାର୍ଶ୍ୱରେ ଭୂମି ଉପରେ ରଖନ୍ତୁ। ଯେମିତିକି ପାପୁଲି ଭୂମିକୁ ସ୍ପର୍ଶ କରୁଥିବ। ଏହାପରେ ମୁଣ୍ଡକୁ ଭିତର ଆଡକୁ ଟାଣି ବେକକୁ ଭୂମି ଉପରୁ ଉଠାଇବେ। ଯେମିତିକି ବେକ ଓ କାନ୍ଧ ଅଂଶ ଧନୁ ପରି ରହିବ। ହେଲେ ମୁଣ୍ଡ ଭୂମିକୁ ସ୍ପର୍ଶ କରୁଥିବ। ଏଭଳି ୧୫-୩୦ ସେକେଣ୍ଡ ରହିବେ। ପ୍ରତିଦିନ ଏହି ଯୋଗାସନ କଲେ କେଶର ପ୍ରାୟ ଅଧିକାଂଶ ସମସ୍ୟା ଦୂର ହେଇଯିବ।







ଭାରତ ପୁଷ୍ପରାଗ

## ହାଃ ହାଃ

### ଆମର

ଆଲମାରୀରୁ କିଛି ଖୋଜୁଥିବା ସ୍ତ୍ରୀକୁ ସ୍ୱାମୀ – ତମେ ସବୁବେଳେ ମୋର ମୋର ବୋଲି କୁହ । କେବେ ତ ଆମର ବୋଲି କୁହ । ଚୁପ୍ ରହିଲ ଯେ, କ'ଣ ଖୋଜୁଛ ?
ସ୍ତ୍ରୀ– ଆମର ଶାୟା ।

### ଅଲଗା

ଜଣେ ବ୍ୟକ୍ତି କୁମ୍ଭମେଳାରେ ହାତ ଯୋଡି କାନ୍ଦି କାନ୍ଦି ପ୍ରାର୍ଥନା କରୁଥାଏ ।
ହେ ପ୍ରଭୁ ନ୍ୟାୟ କର..
ହେ ପ୍ରଭୁ ନ୍ୟାୟ କର..
ସବୁବେଳେ ଏଇ ମେଳାରେ ଭାଈ ଭାଈ ଅଲଗା ହେଇଛନ୍ତି । କେବେ ତ ସ୍ୱାମୀ–ସ୍ତ୍ରୀଙ୍କୁ ଅଲଗା କର... ।

### ସେଟ୍

ଶୁଭଜିତ୍ ରାକେଶକୁ– ଆରେ ତୁ ଯୋଉ ଝିଅକୁ ଲାଇନ୍ ମାରୁଛୁ ସିଏ ଆଗରୁ ଜଣକ ସହ ସେଟ୍ ଅଛି ।
ରାକେଶ– କ'ଣ ହେଲା ସେଇଠୁ । ଖାଲି ଚେୟାର୍ ଦେଖିଲେ ତ ସମସ୍ତେ ବସିବାକୁ ଚାହିଁବେ । କିନ୍ତୁ ଚେୟାରରୁ କାହାକୁ ହଟେଇକି ବସିବା ବଡ ହିମ୍ମତର କଥା ।


ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ବିଶ୍ୱକବିଙ୍କ ଜନ୍ମସ୍ଥଳୀ

# ଯୋଡାସାଁକୋ ଠାକୁରବାଡି





**କଲିକତା ଗିରୀଶପାର୍କର ଅନତିଦୂରରେ ରହିଛି ଯୋଡାସାଁକୋ ଠାକୁରବାଡି। ବିଶ୍ୱସାହିତ୍ୟର ମୁଖଶାଳା କବିଗୁରୁଙ୍କ ଏହି ଜନ୍ମସ୍ଥଳୀର ଶାନ୍ତ, ସୁନ୍ଦର, ସବୁଜିମା ଭରା ପରିବେଶ କାହାକୁ ବି ଆନମନା କରିଦେବ...**






ଭାରତର ପ୍ରଥମ ନୋବେଲ ପୁରସ୍କାର ପ୍ରାପ୍ତ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଜନ୍ମ ଏହି ଠାକୁରବାଡିରେ ୧୮୬୧ ମସିହା ମେ ୭ରେ ହୋଇଥିଲା। ସାହିତ୍ୟର ପ୍ରତିଟି ବିଭାଗରେ ଲେଖନୀ ଚାଳନା କରିବା ସହ ସେ ଥିଲେ ଜଣେ ଚିତ୍ରଶିଳ୍ପୀ, ସଂଗୀତଜ୍ଞ, ଦାର୍ଶନିକ, ଶିକ୍ଷାବିତ୍ ତଥା ସ୍ୱାଧୀନତା ସଂଗ୍ରାମୀ।


ଉତ୍ତର କଲିକତାରେ ୧୭୮୫ ମସିହାରେ ୩୫୦୦୦ ବର୍ଗ ମିଟର ସ୍ଥାନରେ ରବୀନ୍ଦ୍ରନାଥଙ୍କ ଜେଜେବାପା ଦ୍ୱାରକାନାଥ ଠାକୁରଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଯୋଡାସାଁକୋ ଠାକୁରବାଡି। ବେଙ୍ଗଲୀରେ ସାଁକୋର ଅର୍ଥ ହେଉଛି ପୋଲ। ଏହି ସ୍ଥାନରେ କାଠ ବା ବାଉଁଶ ନିର୍ମିତ ଦୁଇଟି ପୋଲ ଥିବାରୁ ଏହା ଯୋଡାସାଁକୋ ନାମରେ ନାମିତ ହୋଇଛି। ବେଙ୍ଗଲ ସ୍କୁଲ ଅଫ ଆର୍ଟର ପ୍ରତିଷ୍ଠାତା ଗଗନେନ୍ଦ୍ର ନାଥ ଠାକୁର ଏବଂ ଅବନୀନ୍ଦ୍ର ନାଥ ଠାକୁର ମଧ୍ୟ ଏଠାରେ ବାସ କରୁଥିଲେ। ଅତି ଛୋଟ ବୟସରୁ ନିଜ ମାଆଙ୍କୁ ହରାଇଥିଲେ ରବୀନ୍ଦ୍ରନାଥ। ବାଲ୍ୟାବସ୍ଥାରୁ ଆରମ୍ଭ କରି ତାଙ୍କର ଅଧିକାଂଶ କର୍ମମୟ ଜୀବନର ମୂକସାକ୍ଷୀ ଏଇ ଠାକୁରବାଡି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଏଠାରେ ଅବସ୍ଥାନ କରୁଥିଲେ। ୧୯୪୧ ମସିହା ଅଗଷ୍ଟ ୭ ତାରିଖ ଦିନ ସେ ଇହଲୀଳା ସମ୍ବରଣ କରିଥିଲେ।

୧୯୫୯ ମସିହାରେ ପଶ୍ଚିମବଙ୍ଗ ସରକାର ରବୀନ୍ଦ୍ରନାଥଙ୍କ ସ୍ମୃତିରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଯୋଜନା କଲେ। ତାଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ୧୯୬୧ ମସିହା ମେ ୮ରେ ନୃତ୍ୟ ସଙ୍ଗୀତ ଓ କଳା ଶିକ୍ଷାର ବିକାଶ ନିମନ୍ତେ ତାଙ୍କ ନିଜ ଘର ଯୋଡାସାଁକୋ ଠାକୁରବାଡିରେ ରବୀନ୍ଦ୍ର ଭାରତୀ ବିଶବିଦ୍ୟାଳୟ ସ୍ଥାପିତ ହେଲା। ସେହି ବର୍ଷ ଏହି ମହାନ ଆତ୍ମାଙ୍କ ସମ୍ମାନାର୍ଥେ ରବୀନ୍ଦ୍ର ଭାରତୀ ମ୍ୟୁଜିୟମ୍ ମଧ୍ୟ ପ୍ରତିଷ୍ଠା କରାଗଲା ; ଯାହା ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବର୍ତ୍ତମାନ ଏହି ମ୍ୟୁଜିୟମ୍ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ଅଂଶବିଶେଷ। ଏହି ପରିସରରେ ଥିବା ମହର୍ଷି ଭବନ ତାଙ୍କ ପିତା ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ନାମରେ ନାମିତ। ମ୍ୟୁଜିୟମର ତିନୋଟି ଗ୍ୟାଲେରୀରେ ରବୀନ୍ଦ୍ରନାଥଙ୍କ ପାରିବାରିକ ବଂଶାବଳୀ, ଫଟୋ, ରୂପଚିତ୍ର, ତାଙ୍କଦ୍ୱାରା ବ୍ୟବହୃତ ସାମଗ୍ରୀ ଏବଂ ବିଭିନ୍ନ ସମୟରେ ପାଇଥିବା ଉପହାର, ବହି, ଅନେକ କାବ୍ୟ କବିତା ଓ ପତ୍ର ପତ୍ରିକା ଇତ୍ୟାଦି ରହିଛି। ଏଠାରେ ମଧ୍ୟ ସ୍ଥାନିତ ହୋଇଛି ରବୀନ୍ଦ୍ରନାଥ, ଦେବେନ୍ଦ୍ରନାଥ, ଜ୍ୟୋତୀନ୍ଦ୍ରନାଥ, ଅବନୀନ୍ଦ୍ରନାଥ ଏବଂ ଦୀନେନ୍ଦ୍ରନାଥଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା। ଏହି ମ୍ୟୁଜିୟମ୍‌ରେ ଥିବା ଜାପାନ ଗ୍ୟାଲେରୀ, ଚାଇନା ଗ୍ୟାଲେରୀ, ୟୁଏସ୍ ଗ୍ୟାଲେରୀ ଓ ହଙ୍ଗେରୀ ଗ୍ୟାଲେରୀରେ ସ୍ଥାନିତ ଚିତ୍ରଗୁଡିକ ରବୀନ୍ଦ୍ରନାଥଙ୍କର ଏହି ଦେଶ ସହିତ ଥିବା ସୁସଂପର୍କ ସଂକ୍ରାନ୍ତରେ ସୂଚନା ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନ ପରିଭ୍ରମଣ ସମ୍ବନ୍ଧୀୟ କାହାଣୀ କୁହେ। ଜାପାନ ଗ୍ରସ୍ତ ସମୟରେ ସେ ସେଠାରୁ ଆଣିଥିବା ପ୍ରସିଦ୍ଧ ଚିତ୍ରକରମାନଙ୍କର ଚିତ୍ର ସହିତ ଠାକୁରବାଡି ବୁଲିବାକୁ ଆସିଥିବା ବିଭିନ୍ନ ଚିତ୍ରକରଙ୍କର ହାତ ଅଙ୍କା ଚିତ୍ର ଜାପାନିଜ ଆର୍ଟ ଗ୍ୟାଲେରୀରେ ରହିଛି ; ଯାହା ମଧ୍ୟରେ ଅଛି ପ୍ରାୟ ତିନିହଜାର ଫଟୋ ଏବଂ ସାତ ଶହରୁ ଉର୍ଦ୍ଧ୍ୱ ଚିତ୍ର ଓ ତତ୍ ସଂକ୍ରାନ୍ତୀୟ ପାଣ୍ଡୁଲିପି ତଥା ବିଭିନ୍ନ ବହି ଓ ବହୁ ପୁରାତନ ସାମଗ୍ରୀ।


ମ୍ୟୁଜିୟମରେ ଫଟୋ ଉତ୍ତୋଳନ ସଂପୂର୍ଣ୍ଣ ନିଷେଧ। ରବୀନ୍ଦ୍ରନାଥଙ୍କ ନିଜସ୍ୱ କୋଠରୀ(ଯେଉଁଠି ସେ ମୃତ୍ୟୁ ପର୍ଯ୍ୟନ୍ତ ରହିଥିଲେ)ର ରକ୍ଷଣାବେକ୍ଷଣ ସ୍ୱତନ୍ତ୍ର ଭାବରେ କରାଯାଇଛି। ତାଙ୍କ ବ୍ୟବହୃତ ପ୍ରତ୍ୟେକ ଜିନିଷ ପୂର୍ବପରି ଯଥା ସ୍ଥାନରେ ରହିଛି। କୌଣସି ଜିନିଷକୁ ଛୁଇଁବାକୁ ନିଷେଧାଜ୍ଞା ଜାରି କରାଯାଇଛି। ବିଶ୍ୱକବିଙ୍କ ସ୍ୱଲିଖିତ ବିବାହ ନିମନ୍ତ୍ରଣ ପତ୍ର ହେଉଛି ଏଠାକାର ମୁଖ୍ୟ ଆକର୍ଷଣ। ଏହା ସହିତ ରହିଛି ପୁରାତନ ସଂଗୀତ ସମ୍ବନ୍ଧୀୟ ତଥ୍ୟାବଳୀର ଏକ ସ୍ୱତନ୍ତ୍ର ବିଭାଗ। ରବୀନ୍ଦ୍ରନାଥ ବ୍ୟବହାର କରୁଥିବା କାର୍ ମଧ୍ୟ ସର୍ବସାଧାରଣଙ୍କ ଦର୍ଶନାର୍ଥେ ଏଠାରେ ରହିଛି। ସୋମବାର ଓ ସରକାରୀ ଛୁଟିଦିନଗୁଡିକ ବ୍ୟତୀତ ଅନ୍ୟ ଦିନମାନଙ୍କରେ ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମ୍ୟୁଜିୟମ ଖୋଲା ରୁହେ। ଶବ୍ଦ ଏବଂ ଆଲୋକ ପ୍ରଦର୍ଶନ ବେଙ୍ଗଲୀ ଓ ଇଂରାଜୀ ଭାଷାରେ ହୋଇଥାଏ। ପ୍ରତ୍ୟେକ ସପ୍ତାହର ସୋମବାର ଓ ଗୁରୁବାର ଏହି କାର୍ଯ୍ୟକ୍ରମ ବନ୍ଦ ରୁହେ। ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ସଂଧ୍ୟା ୬ଟାରୁ ୬.୪୦ ବେଙ୍ଗଲୀରେ ଏବଂ ୭ଟାରୁ ୭.୪୦ ଇଂରାଜୀରେ ପ୍ରଦର୍ଶିତ ହୋଇଥାଏ। ମାତ୍ର ଫେବୃଆରୀରୁ ଜୁନ ପର୍ଯ୍ୟନ୍ତ ଏହା ସଂଧ୍ୟା ୭ଟାରୁ ୭.୪୦ ବେଙ୍ଗଲୀରେ ଏବଂ ୮ଟାରୁ ୮.୪୦ ଇଂରାଜୀରେ ପ୍ରଦର୍ଶିତ ହୋଇଥାଏ।

ରବିନ୍ଦ୍ର ଭାରତୀ ବିଶବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଥାଏ। ବିଶ୍ୱକବିଙ୍କ ଜନ୍ମଦିନରେ ମହାସମାରୋହରେ ‘‘ପୋଚିଶେ ବୈଶାଖ’’ ନାମକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେହିପରି ତାଙ୍କର ପୂଣ୍ୟତିଥିରେ ‘‘ବାଇଶେ ଶ୍ରାବଣ’’ ପାଳନ କରାଯାଏ। ଏହା ବ୍ୟତୀତ ଏକ ଚିତ୍ରକଳା ମହୋତ୍ସବ ‘‘ଅବନ ମେଳା’’ ମଧ୍ୟ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୁଏ। ଅନ୍ଧାର ନଇଁ ଆସିଲେ ଆଲୋକର ସୀମାକୁ ଅତିକ୍ରମ କରି ଆକାଶକୁ ଛୁଉଁଥିବା ନାରିକେଳ ବୃକ୍ଷ ଯେମିତି ଗାଉଥାଏ ‘‘ଏକ୍ଲା ଚଲୋ ଏକ୍ଲା ଚଲୋ ଏକ୍ଲା ଚଲୋରେ ...’’।

**–ସସ୍ମିତା ମହାନ୍ତି,** ତ୍ରିଶୂଳିଆ, କଟକ
*ମୋ: ୭୯୭୮୧୫୫୩୫୯*



# ପିଙ୍କ୍ ସିଟି କେବେଠୁ




**ସାରା ପୃଥିବୀରେ ରାଜସ୍ଥାନର ଜୟପୁର 'ପିଙ୍କ୍ ସିଟି ବା ଗୋଲାପି ସହର' ଭାବେ ପରିଚିତ। ତେବେ ଏହି ସହରକୁ କିଏ, କେବେ, କେମିତି ଗୋଲାପି ସହରର ପରିଚୟ ଦେଲେ ଜାଣନ୍ତୁ ସେ ସମ୍ପର୍କରେ...**

୧୭୨୭ ମସିହାରେ ମହାରାଜା ସୱାଇ ଜୟସିଂହ ଦ୍ୱିତୀୟ ଜୟପୁର ସହରକୁ ସ୍ଥାପନ କରିଥିଲେ, ଯାହାକୁ ଡିଜାଇନ କରିଥିଲେ ବିଦ୍ୟାଧର ଭଟ୍ଟାଚାର୍ଯ୍ୟ। ମହାରାଜା ସୱାଇ ଜୟସିଂହଙ୍କ ନାମାନୁସାରେ ହିଁ ଏହି ସହରକୁ 'ଜୟପୁର' ବୋଲି ନାମକରଣ ହୋଇଛି। ନିର୍ମାଣର ୧୪୯ ବର୍ଷ ପର୍ଯ୍ୟନ୍ତ ଏହି ସହରର ରଙ୍ଗ ଧଳା ଓ ହଳଦିଆ ଥିଲା। ତେବେ ଏହା କେବେ ଓ କିଏ ଗୋଲାପି ସହରରେ ପରିଣତ କଲେ ଜାଣନ୍ତୁ ସେ ସମ୍ପର୍କରେ..


କୁହାଯାଏ ୧୮୭୬ରେ ଇଂଲଣ୍ଡର ମହାରାଣୀ ଏଲିଜାବେଥ ଏବଂ ପ୍ରିନ୍ସ ଅଫ୍ ୱେଲ୍ସ ଆଲବର୍ଟ ଏଡୱାର୍ଡଙ୍କର ଭାରତ ଭ୍ରମଣରେ ଆସିବାକୁ ଯୋଜନା ଥାଏ। ମହାରାଜା ସୱାଇ ଜୟସିଂହ ଦ୍ୱିତୀୟ ରାଜନୈତିକ ସମ୍ପର୍କ ମଜଭୁତ କରିବା ଲାଗି ଏହି ଅତିଥି ଦ୍ୱୟଙ୍କ ସ୍ୱାଗତ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଥିଲେ। ସେ ପୂରା ସହରକୁ ସଜାଉଥାନ୍ତି। ସଡ଼କ ସଫା କରି ରାସ୍ତାକଡ଼ ଫୁଲଗଛରେ ସଜାଇଲେ। ପରେ ତାଙ୍କ ମନକୁ ଆସିଲା ଯେ ସହରକୁ ଗୋଟିଏ ରଙ୍ଗରେ ରଙ୍ଗାଇଲେ କେମିତି ଲାଗିବ। ଏନେଇ ଉଚ୍ଚ ଅଧିକାରୀଙ୍କ ସହ ବିଚାର କଲେ ଓ ସେମାନଙ୍କ ପରାମର୍ଶ ବି ନେଲେ। ସେ ସମୟର ବ୍ରିଟିଶ ଜମିଦାର ସୱାଇ ରାମସିଂହ ପରାମର୍ଶ ଦେଲେ ଗୋଲାପି ରଙ୍ଗ ହେଉଛି ଆତିଥ୍ୟର ପ୍ରତୀକ। ତେଣୁ ସାରା ସହରକୁ ଗୋଲାପିର ବିଭିନ୍ନ ଶେଡ୍‌ର ରଙ୍ଗରେ ରଙ୍ଗାଗଲେ ଭଲ ହେବ। ଆଉ ତାହା ହିଁ ହେଲା, ସାରା ସହରକୁ ଗୋଲାପି ରଙ୍ଗରେ ରଙ୍ଗାଗଲା। ଯେବେ ପ୍ରିନ୍ସ ଆଲବର୍ଟ ଆସିଲେ ମହାରାଜାଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଓ ଅତିଥି ସତ୍କାର ମନ ଜିଣି ନେଇଥିଲା। ତା'ସହ ଜୟପୁରର ସୌନ୍ଦର୍ଯ୍ୟ ଦେଖି ତାଙ୍କ ପାଟିରୁ ସ୍ୱତଃ ବାହାରି ଯାଇଥିଲା ଯେ, ଜୟପୁର 'ପିଙ୍କ୍ ସିଟି' ବୋଲି। ଆଉ ସେବେଠାରୁ ଜୟପୁରକୁ ପିଙ୍କ୍ ସିଟି ବୋଲି କୁହାଗଲା। ଏହାଛଡ଼ା ଏହା ବି କୁହାଯାଏ ଯେ, ହିନ୍ଦୁ ସ୍ଥାପତ୍ୟ ପରମ୍ପରାରେ ତିଆରି ଏହି ସହରର ପରିଚୟ ହେଉଛି ଏହାର ଭବ୍ୟ ମହଲ ଓ ପୁରୁଣା ଘରେ ଲାଗିଥିବା ଗୋଲାପି ଧୌଲପୁରୀ ପଥର। ସ୍ୱତନ୍ତ୍ର ଗୋଲାପି ପଥରରୁ ତିଆରି ହୋଇଥିବାରୁ ମଧ୍ୟ ସହରକୁ ଗୋଲାପି ରଙ୍ଗରେ ରଙ୍ଗାଇବାକୁ ମନସ୍ଥ କରାଯାଇଥିଲା। ଆହୁରି ବି କୁହାଯାଏ, ସହରକୁ ଗୋଲାପିରେ ପରିଣତ କରିବା ପରେ ସୱାଇ ଜୟସିଂହଙ୍କ ପତ୍ନୀ ତଥା ମହାରାଣୀ କହିଥିଲେ, ପରବର୍ତ୍ତୀ ସମୟରେ ସହରରେ ତିଆରି ହେବାକୁ ଥିବା ସବୁ ଘରକୁ ଗୋଲାପି ରଙ୍ଗରେ ରଙ୍ଗାଯିବ ବୋଲି ଏକ ନିୟମ କରାଗଲେ ଭଲ ହେବ। ପରେ ୧୮୭୭ ମସିହାରେ ଏହି ନିୟମ ଲାଗୁ ହୋଇଥିଲା। ସେହି ନିୟମକୁ ଆଜି ବି ଲୋକେ ମାନୁଥିବା ଏଠାରେ ଦେଖିବାକୁ ମିଳେ। ଫଳରେ ଏଠାକାର ଘର, ଦୋକାନ ସବୁ ଗୋଲାପିର ବିଭିନ୍ନ ଶେଡ୍‌ରେ ରଙ୍ଗାଯାଉଥିବା ଦେଖିବାକୁ ମିଳେ। ଜୟପୁରରେ ଥିବା ଐତିହାସିକ ଗୋଲାପି ସ୍ଥାପତ୍ୟଗୁଡିକ ହେଉଛି ହୱା ମହଲ, ଆମେର କା କିଲ୍ଲା, ସିଟି ପ୍ୟାଲେସ୍, ଜୟଗଡ କିଲ୍ଲା, ଜୟ ମହଲ, ନାହରଗଡ଼ କିଲ୍ଲା, ଚନ୍ଦ୍ର ମହଲ, ରାମବାଗ ପ୍ୟାଲେସ୍, ଜନ୍ତରମନ୍ତର ଆଦି।





# ସବୁଠୁ ବଡ଼ ଏଲିଭେଟର୍

ବଡ଼ ବଡ଼ ଆପାର୍ଟମେଣ୍ଟ ହେଉ କି ଅଫିସ୍ ଅବା ଶପିଙ୍ଗ୍ ମଲ୍, ସବୁଠି ଏଲିଭେଟର୍ ବ୍ୟବସ୍ଥା ହୋଇଥାଏ। ଯଦ୍ଵାରା ତଳ ଫ୍ଲୋର୍‌ରୁ ଉପର ଫ୍ଲୋରକୁ ଓ ଉପରୁ ତଳ ଫ୍ଲୋର୍‌କୁ ସହଜରେ ଯିବାଆସିବା କରିହୁଏ। ତେବେ ଏହିସବୁ ଏଲିଭେଟର୍‌ରେ କେତେଜଣ ଯାଇପାରିବେ ତା'ର ଗୋଟେ ନିର୍ଦ୍ଦିଷ୍ଟ ସୀମା ଥାଏ। ଅତି ବେଶିରେ ୧୦-୧୨ ଜଣ ଥରକରେ ଯାଇପାରନ୍ତି। ହେଲେ ଏବେ ଏମିତି ଏକ ଏଲିଭେଟର୍ ତିଆରି ହୋଇଛି, ଯେଉଁଥିରେ ଏକାଥରେ ୨୩୫ ଜଣ ଯାଇପାରିବେ। ଏହି ଏଲିଭେଟର୍‌ଟି ମୁମ୍ବାଇର ଜିଓ ୱାର୍ଲଡ ସେଣ୍ଟର ବିଲ୍ଡିଂରେ କରାଯାଇଛି। ଫିନ୍‌ଲାଣ୍ଡର ଏଲିଭେଟର୍ କମ୍ପାନୀ 'କୋନ୍' ଦ୍ୱାରା ଏହାକୁ ଏଠାରେ ସ୍ଥାପନ କରାଯାଇଛି। ବିବାହ ଓ ଆର୍ଟ ଏକ୍‌ଜିବିଶନ୍ ହେଉଥିବା ଏଠାକାର ଷ୍ଟେଟ ଅଫ୍ ଦ ଆର୍ଟ କନଭେନ୍‌ଶନ୍ ସେଣ୍ଟରକୁ ଏକାଥରେ ଯେମିତି ଅଧିକ ଲୋକ ଯାଇପାରିବେ ସେଥିପାଇଁ ଏହି ଏଲିଭେଟର୍‌ର ବ୍ୟବସ୍ଥା କରାଯାଇଛି। ଏକାଥରେ ଏତେ ସଂଖ୍ୟକ ଲୋକ ଯାଇପାରୁଥିବାରୁ ଏହି ଏଲିଭେଟର୍‌କୁ ପୃଥିବୀର ସବୁଠାରୁ ବଡ଼ ବୋଲି କୁହାଯାଉଛି। ଏଥିରେ ଫୋର୍ ପ୍ୟାନେଲ ଗ୍ଲାସ ଡୋର ସହ କାଚର କାନ୍ଥ ଅଛି। ତେଣୁ ବାହାରର ସୁନ୍ଦର ଦୃଶ୍ୟ ଏଲିଭେଟର୍ ଭିତରୁ ଦେଖାଯାଏ। ଏହା ଭିତରେ ଦୁଇଟି ଆରାମଦାୟକ ସୋଫା ବି ରଖାଯାଇଛି ; ଯଦ୍ଵାରା ଲୋକେ ଆରାମରେ ବସି ଯାଇପାରିବେ।



# ଦିଆସିଲି ଖୋଳ ପରି କ୍ଲଚ୍

ମହିଳାଙ୍କର ଫ୍ୟାଶନେବଲ ଆସେସରିଜ ଭିତରେ କ୍ଲଚ୍ ଅନ୍ୟତମ। ପୋଷାକ ସହ ମ୍ୟାଚ କରି କ୍ଲଚ୍ ଧରିବାକୁ ମହିଳାମାନେ ପସନ୍ଦ କରିଥାନ୍ତି। ତେଣୁ ବିଭିନ୍ନ ରଙ୍ଗ ଓ ଡିଜାଇନ୍‌ର କ୍ଲଚ୍ ବଜାରରେ ଉପଲବ୍ଧ ହୁଏ। ଏହାବାଦ୍ କିଛି ଅଜବ ଡିଜାଇନ୍‌ର ବି କ୍ଲଚ ରହିଛି। ଯାହାକୁ ସମସ୍ତେ କ୍ୟାରୀ କରିପାରିବେ ନାହିଁ। କେବଳ ଫ୍ୟାଶନ ଶୋ'ରେ ମଡେଲମାନେ କ୍ୟାରି କରିପାରିବେ। ଯେମିତିକି ଦିଆସିଲି ଖୋଳ ପରି ଦେଖାଯାଉଥିବା ଏକ କ୍ଲଚ୍। ଦେଖିବାକୁ ଏହା ଏକ ବଡ଼ ଦିଆସିଲି ଖୋଳ ବା ମ୍ୟାଚ୍ ବକ୍ସ ପରି ଲାଗେ। ଏହାକୁ ଏମିତି ଡିଜାଇନ୍ କରାଯାଇଛି ଯେ, କ୍ଲଚ୍‌କୁ ସାଇଡରୁ ଅଧା ଖୋଲିଦେଲେ ଖୋଳ ଭିତରେ ଥିବା ଦିଆସିଲି କାଠି ଦେଖାଗଲା ଭଳି ଲାଗିବ। ସେ ଯାହା ବି ହେଉ କଳା ରଙ୍ଗର ଏହି କ୍ଲଚ୍ ଦେଖିବାକୁ ବେଶ୍ ଆକର୍ଷକ। ଆଉ ଏହାର ମୂଲ୍ୟ ୭୨୫ ଡଲାର୍।



ବ୍ୟାକ୍ ପେଜ୍



# ୩୫୦ ମିଲିୟନ ଗଛ ଲଗାଇ ରେକର୍ଡ





ଆଧୁନିକୀକରଣ ନାଁରେ କଟାଚାଲିଛି ଗଛ। ଫଳରେ ବିଗିଡିବାକୁ ଲାଗିଛି ପରିବେଶ ସନ୍ତୁଳନ। ବଢି ଚାଲିଛି ବିଶ୍ୱତାପନ। ଏହାକୁ ଠିକ୍ ସମୟରେ ରୋକା ନ ଗଲେ ସମସ୍ତଙ୍କ ଜୀବନ ହୋଇଯିବ ଦୁର୍ବିଷହ। ଏହି କଥାର ମର୍ମ ଭଲଭାବେ ବୁଝିପାରିଛନ୍ତି ଇଥିଓପିଆ ସରକାର ଓ ଜନତା। କାରଣ ଏଠାକାର ଜଙ୍ଗଲ ଅବକ୍ଷୟ ଘଟି ମାତ୍ର ୪% ରହିଥିଲା। ସେଇଥିପାଇଁ ଏଠାକାର ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ବୃକ୍ଷରୋପଣ କଥା ଚିନ୍ତା କଲେ। ଆଉ ତାଙ୍କ ସହ ହାତ ମିଳାଇବାକୁ ଆଗେଇ ଆସିଲେ ସାରା ଇଥିଓପିଆବାସୀ। ଇଥିଓପିଆର ୧୦୦୦ ଭିନ୍ନ ଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ଏକା ସମୟରେ ବୃକ୍ଷରୋପଣ କଲେ। ଲକ୍ଷ୍ୟ ଥିଲା ୨୦୦ମିଲିୟନ ଚାରା ଲଗାଇବା। ହେଲେ ଦିନ ସରିବା ବେଳକୁ ସରକାରୀ ଅଧିକାରୀମାନେ ପ୍ରକାଶ କଲେ ଯେ, ରେକର୍ଡ ସ୍ତରର ଅର୍ଥାତ୍ ୩୫୦ ମିଲିୟନରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ ହୋଇଛି। ଖାସ୍ ବୃକ୍ଷରୋପଣ ପାଇଁ ସେଦିନ ଅନେକ ସ୍କୁଲ, ସରକାରୀ କାର୍ଯ୍ୟାଳୟ ବନ୍ଦ ହୋଇଥିଲା। ଯେମିତିକି ଅଧିକରୁ ଅଧିକ ଲୋକ ଏଥିରେ ଯୋଗ ଦେଇପାରିବେ। ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଆହୁରି ମଧ୍ୟ ଲକ୍ଷ୍ୟ ରଖିଛନ୍ତି ଆଗାମୀ ଦିନରେ ଯେମିତି ୪ ବିଲିୟନରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବ।

# କୁକୁରର ଚମତ୍କାର ସନ୍ତୁଳନ

ଜମାଲ କୁଡୁ ଗୀତରେ ବବି ଦେଓଲଙ୍କ ମୁଣ୍ଡରେ ଗ୍ଲାସ ରଖି ନାଚିବାର ଦୃଶ୍ୟ ସମସ୍ତଙ୍କୁ ଭଲ ଲାଗିଥିଲା। ଫଳରେ ଗୀତଟି ସୁପର୍ ହିଟ ହୋଇଥିଲା। ତେବେ ବବି ଦେଓଲଙ୍କଠୁ ଭଲ ସନ୍ତୁଳନ ରକ୍ଷା କରି ପାରୁଛି ଏକ କୁକୁର। କାରଣ ଏହି କୁକୁର ତିନୋଟି ପାଣି ଗ୍ଲାସ୍‌କୁ ସନ୍ତୁଳନ ରକ୍ଷା କରି ନେଇପାରୁଛି। କୁକୁରଟିର ଏଭଳି କାର୍‌ନାମାର ଭିଡିଓ ଏବେ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛି। ଭିଡିଓରେ ଦେଖିବାକୁ ମିଳୁଛି କୁକୁରଟି ପାଟିରେ ଏକ ଛୋଟ କାଠପଟା ଧରିଛି। ସେହି କାଠପଟାର ଦୁଇ ପାର୍ଶ୍ୱରେ ଦୁଇଟି ପାଣି ଗ୍ଲାସ୍ ରଖାଯାଇଛି। ଏହା ବାଦ୍ ତା' ମୁଣ୍ଡରେ ବି ଅଛି ଏକ ପାଣି ଗ୍ଲାସ୍। ସେ ଏହି ତିନି ଗ୍ଲାସ୍‌କୁ ଖୁବ୍ ସୁନ୍ଦରଭାବେ ସନ୍ତୁଳନ ରକ୍ଷା କରି ପାହାଚ ଚଢୁଛି। ଅନେକେ କହୁଛନ୍ତି ଏହା ଏକ ଆର୍ମି କୁକୁର ହେଇଥିବ ; ଯାହାକୁ ବିଭିନ୍ନ ତାଲିମ ଦିଆଯାଇଛି। ତେବେ ସେ ଯାହା ବି ହେଉ କୁକୁରଟିର ଏଭଳି ଆଶ୍ଚର୍ଯ୍ୟକର ସନ୍ତୁଳନ ରକ୍ଷା କରିବାର ଦକ୍ଷତା ସମସ୍ତଙ୍କ ହୃଦୟ ଜିଣି ନେଇଛି।

